ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯବେକ୍ଷକ

Vol.26 . No.281 Bhubaneswar Sunday December 24 2023 | ୨୬ତମ ବର୍ଷ ସଂଖ୍ୟା-୨୮୧ ଭୁବନେଶ୍ୱର, ରବିବାର, ଡିସେମ୍ବର ୨୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ଦିଲ୍ଲୀରେ ଇଣ୍ଡିଆନ ମିଡିଆ କଂଗ୍ରେସ ଉଦ୍‌ଘାଟିତ

## ଜନସ୍ୱାର୍ଥରେ କାମ କରନ୍ତୁ ସାମ୍ବାଦିକ: ମନ୍ତ୍ରୀ ପ୍ରତିମା ଭୌମିକ




ନୂଆଦିଲ୍ଲୀ, ୨୩।୧୨(ପି.ଏନ): ସାମ୍ବାଦିକଙ୍କ ଯୋଗୁଁ ଅନେକ ସମୟରେ ଲୋକଙ୍କୁ ନ୍ୟାୟ ଏବଂ ସରକାରୀ ସୁବିଧା ମିଳିପାରୁଛି । ଜନସ୍ୱାର୍ଥରେ ସାମ୍ବାଦିକ ମାନେ କାମ ଜାରି ରଖିବାକୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ପ୍ରତିମା ଭୌମିକ ଆହ୍ୱାନ କରିଛନ୍ତି । ସ୍ଥାନୀୟ କନ୍‌ଷ୍ଟିଚ୍ୟୁସନ କ୍ଲବ ଠାରେ ଆୟୋଜିତ ତିନି ଦିବସୀୟ ଇଣ୍ଡିଆନ ମିଡିଆ କଂଗ୍ରେସକୁ ଉଦ୍‌ଘାଟନ କରି ମନ୍ତ୍ରୀ ଭୌମିକ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସମ୍ବିତ ପାତ୍ର କହିଥିଲେ ଯେ ସାମ୍ବାଦିକ ମାନେ କୌଣସି ପରିସ୍ଥିତିରେ ତଟସ୍ଥ ରହିବା ଉଚିତ୍ ନୁହେଁ । ମହାଭାରତ ଯୁଦ୍ଧର ଅବତାରଣା କରି ଦର୍ଶାଇଥିଲେ ଯେ ଯେଉଁ ଠାରେ ଧର୍ମ ରହିଛି ସେହିଠାରେ ହିଁ ରହିବାକୁ ପଡ଼ିବ ବୋଲି ଅର୍ଜୁନଙ୍କୁ ଭଗବାନ କୃଷ୍ଣଙ୍କ ପରାମର୍ଶ ରହିଥିଲା । ସାମ୍ବାଦିକ ମାନଙ୍କୁ ମୋର ପରାମର୍ଶ ଧର୍ମ ଯେଉଁ ଠାରେ ଅଛି, ତାର ସପକ୍ଷରେ କଲମ ଚାଳନା କରନ୍ତୁ । ସାଂପ୍ରତିକ ପରିସ୍ଥିତିରେ ଧର୍ମର ଅର୍ଥ ହେଉଛି ସମାଜର ଅନ୍ତିମ ଧାଡ଼ିରେ ରହିଥିବା ଗରିବଙ୍କ ବିକାଶ । କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମ୍ବାଦିକ ମାନେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକଙ୍କ ପାଇଁ ଉନ୍ମୋଚିତ 'ଲୋଗୋ'କୁ ପ୍ରଶଂସା କରି କହିଥିଲେ ଯେ ଆଗାମୀ ଦିନରେ ଏହା ଗଣମାଧ୍ୟମର ପରିଚୟ ବନିବ । ଏଥିରେ ଛାପା, ବୈଦ୍ୟୁତିକ, ଡିଜିଟାଲ ଆଦି ସମସ୍ତ ଗଣମାଧ୍ୟମକୁ ସ୍ଥାନ ଦିଆଯାଇଛି । ଲୋଗୋ ନିର୍ମାଣ କରିଥିବା ଶିଳ୍ପୀ ପ୍ରଦ୍ୟୁମ୍ନ ଦାସଙ୍କୁ ଡ଼ ପାତ୍ର ସାଧୁବାଦ ଜଣାଇଥିଲେ ।
ଓଡ଼ିଆ ଦୈନିକ 'ପର୍ଯ୍ୟବେକ୍ଷକ'ର ସଂପାଦକ ଡ଼ ପବିତ୍ର ମୋହନ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ଼ ତିରୁପତି ପାଣିଗ୍ରାହୀ, ସାମ୍ବାଦିକତା କ୍ଷେତ୍ରରେ ପ୍ରମେୟର ଦିଲ୍ଲୀ ବ୍ୟୁରୋ ମୁଖ୍ୟ ନିଗମାନନ୍ଦ ପୃଷ୍ଟି, ସମାଜର ଦିଲ୍ଲୀ ବ୍ୟୁରୋ ମୁଖ୍ୟ ଶକ୍ତି ପ୍ରସାଦ ନାୟକ, ନ୍ୟୁଜ ୭ର ବରିଷ୍ଠ ସାମ୍ବାଦିକା ଶବନମ ଆଦାନି, ସମାଜସେବା କ୍ଷେତ୍ରରେ ଡ଼ ଶେଖ ମୁସଲିମ ଟୁଲ୍ଲା ଓ ଆଦିତ୍ୟ ମୁଦଗଲଙ୍କ ସମେତ କଳାକାର ଓ୍ୱାରୟମ ମସ୍ତଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଞ୍ଜୀୟ ଦାସ, ଉପସଭାପତି ରଜନୀକାନ୍ତ ସାମନ୍ତରାୟ, ସାଧାରଣ ସଂପାଦକ ହୃଷିକେଶ ମହାନ୍ତିଙ୍କ ସମେତ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଶତାଧିକ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

### ଓଡିଶାର ପୂର୍ବତନ ରାଜ୍ୟପାଳ ଏମ୍.ଏମ୍ ରାଜେନ୍ଦ୍ରନ୍‌ଙ୍କ ପରଲୋକ



ଭୁବନେଶ୍ୱର, ୨୩।୧୨(ପି.ଏ): ଓଡିଶାର ପୂର୍ବତନ ରାଜ୍ୟପାଳ ଏମ୍.ଏମ୍ ରାଜେନ୍ଦ୍ରନଙ୍କର ଆଜି ପରଲୋକ ହୋଇଯାଇଛି । ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା । ୧୯୯୯ ମହାବାତ୍ୟା ପରେ ସେ ଓଡିଶାର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ । ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ଓଡିଶାର ରାଜ୍ୟପାଳ ଥିଲେ ଏମ୍.ଏମ୍ ରାଜେନ୍ଦ୍ରନ । ରାଜ୍ୟପାଳ ହେବା ପୂର୍ବରୁ ସେ ତାମିଲନାଡୁର ମୁଖ୍ୟ ଶାସନ ସଚିବ ଥିଲେ । ୧୯୫୭ ବ୍ୟାଚ୍‌ରେ ଆଇଏଏସ୍ ଟପ୍ପର ଥିଲେ ଏମ୍.ଏମ୍ ରାଜେନ୍ଦ୍ରନ ।ଓଡିଶାର ରାଜ୍ୟପାଳ ଭାବେ ତାଙ୍କ କାର୍ଯ୍ୟାଳୟରେ ସେ ୩ଜଣ ମୁଖ୍ୟମନ୍ତ୍ରୀଙ୍କ ସହ କାର୍ଯ୍ୟ କରିଥିଲେ । ସମସ୍ତଙ୍କ ସହ ତାଙ୍କର ସୁସମ୍ପର୍କ ରହିଥିଲା । ସେ ୟୁନିସେଫର କାର୍ଯ୍ୟନିର୍ବାହୀ ବୋର୍ଡର ସଦସ୍ୟ ଓ ପ୍ରୋଗ୍ରାମ କମିଟିର ଉପାଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ । ଏମ୍.ଏମ୍ ରାଜେନ୍ଦ୍ରଙ୍କ ଦେହାନ୍ତ ଖବର ପାଇବା ପରେ ଶୋକ ପ୍ରକାଶ କରିଛନ୍ତି ଓଡିଶାର ରାଜ୍ୟପାଳ ରଘୁବର ଦାସ । ତା'ସହିତ ସ୍ୱର୍ଗତଃ ଏମ୍.ଏମ୍ ରାଜେନ୍ଦ୍ରନଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇଛନ୍ତି । ସେହିପରି ଏମ୍.ଏମ୍ ରାଜେନ୍ଦ୍ରନଙ୍କ ପରଲୋକରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଲୋକଙ୍କ ସେବା ପାଇଁ ତାଙ୍କର ଯେଉଁ ସମର୍ପଣ ମନୋଭାବ ଥିଲା, ସେଥିପାଇଁ ସେ ସର୍ବଦା ମନେ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ହୁସିଆର୍; ଆପଣଙ୍କ ନାଁରେ ହୋଇନି ତ କ୍ରେଡିଟ୍ କାର୍ଡ ?

ଭୁବନେଶ୍ୱର, ୨୩।୧୨(ପି.ଏନ): ହୁସିଆର୍; ଆପଣଙ୍କ ନାଁରେ ହୋଇନି ତ କ୍ରେଡିଟ୍ କାର୍ଡ ? ଥରେ ଯାଇ ଯାଞ୍ଚ କରିନିଅନ୍ତୁ ବ୍ୟାଙ୍କ ଆକାଉଣ୍ଟ । କାରଣ ରାଜଧାନୀ ଭୁବନେଶ୍ୱର ବୁଲୁଛନ୍ତି କ୍ରେଡିଟ୍ ? କାର୍ଡ ଜାଲିଆ । ଆପଣଙ୍କ ନାଁରେ ନକଲି କାଗଜପତ୍ର କରି ଇସ୍ୟୁ କରୁଛନ୍ତି କ୍ରେଡିଟ୍ କାର୍ଡ । ଆଉ ପରବର୍ତ୍ତୀ ସମୟରେ ସ୍ୱାବ୍ କରି ଉଠାଇ ନେଉଛନ୍ତି ଟଙ୍କା । ଏମିତି ଏକ ରାକେଟ୍‌ର ପର୍ଦ୍ଦାଫାସ କରିଛି ଭୁବନେଶ୍ୱର କମିଶନରେଟ୍ ପୁଲିସ୍ । ଏହି ଅଭିଯୋଗରେ ୫ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ବହୁ କ୍ରେଡିଟ୍ କାର୍ଡ/ଡେବିଟ୍ କାର୍ଡ, ବ୍ୟାଙ୍କ ପାସ୍‌ବୁକ, ଚେକ୍‌ବୁକ୍ ଆଦି ଜବତ କରିଛି ।ପୁରୀ ଜିଲ୍ଲା ପିପିଲି ଅଞ୍ଚଳର ବିଜୁ ତ୍ରିପାଠୀ । ପେସାରେ ଜଣେ ବ୍ରୋକର । ଦୀର୍ଘ ଦିନ ଧରି ସେ ଲୋକଙ୍କଠାରୁ କାଗଜପତ୍ର ନେଇ କ୍ରେଡିଟ୍ କାର୍ଡ କରାଉଥିଲା । ପରବର୍ତ୍ତୀ ସମୟରେ ସେହି କ୍ରେଡିଟ୍ କାର୍ଡକୁ ଧରି ରାଜଧାନୀର ବିଭିନ୍ନ ଘରୋଇ ହସ୍ପିଟାଲ୍‌କୁ ଯାଉଥିଲା । ସେ ହସ୍ପିଟାଲ୍ ବିଲିଂ କର୍ମଚାରୀଙ୍କ ସହାଯୋଗରେ ରୋଗୀଙ୍କ ମାଧ୍ୟମରେ କ୍ରେଡିଟ୍ କାର୍ଡକୁ ସ୍ୱାବ୍ କରାଉଥିଲେ । ପରେ ସେମାନଙ୍କଠାରୁ ଟଙ୍କା ନେଇଯାଉଥିଲେ । ସେହି ଟଙ୍କାକୁ ନେଇ ଅନ୍ୟାନ୍ୟ ବିଜ୍‌ନେସରେ ଲଗାଉଥିଲେ । ଆଉ କିଛି ଟଙ୍କା ହସ୍ପିଟାଲ୍ ବିଲିଂ କର୍ମଚାରୀ ଓ କ୍ରେଡିଟ୍ କାର୍ଡଧାରୀଙ୍କୁ ଦେଉଥିଲେ । ଏହି ଉପାୟରେ ଭଲ ରୋଜଗାର ମଧ୍ୟ କରୁଥିଲେ ବିଜୁ ତ୍ରିପାଠୀ ।



## ବାପା ଆଖି ଆଗରୁ ବଢ଼ିଲା ପୁଅକୁ ନେଇଗଲା ଝାଡାବାନ୍ତି !

ଭୁବନେଶ୍ୱର, ୨୩।୧୨(ପି.ଏନ): ପୁଅ ଇଞ୍ଜିନିୟରିଂ ପଢୁଥିଲା । ଚାକିରି କରି ଭଲ ରୋଜଗାର ମଧ୍ୟ କରୁଥିଲା । ହେଲେ ଅମାନିଆ ଝାଡାବାନ୍ତି କିଛି ମାନିଲା ନାହିଁ । ବାପାଙ୍କ ଆଖି ଆଗରୁ ବଢ଼ିଲା ପୁଅକୁ ନେଇଗଲା । ୭ ଦିନରୁ ଅଧିକ ସମୟ ଧରି ମେଡିକାଲ୍ ବେଡ୍‌ରେ ଜୀବନ ସଂଘର୍ଷ କରି ହାରିଗଲେ ରାଉରକେଲାର ଇଞ୍ଜିନିୟରିଂ ଛାତ୍ର ସୁବୋଧ ଟପ୍ପ ।କୁଆଁରମୁଣ୍ଡା ବ୍ଲକ ଜଲଙ୍ଗବିରା ପଞ୍ଚାୟତ ଡାଏର୍ଟଲୀ ବସ୍ତିର ସୁବୋଧ ଟପ୍ପ ରାଉରକେଲାରେ ରହି ଡିପ୍‌ଲୋମା ଇଞ୍ଜିନିୟରିଂ ପ ?ୁଥିଲେ । ଏଥିସହ ଏକ ପ୍ଲାଣ୍ଟରେ ଚାକିରି କରୁଥିଲେ । ବାପାଙ୍କ ସହିତ ସେ ବାଲୁଘାଟ ଅଞ୍ଚଳରେ ରହୁଥିଲେ । ଗତ ବୁଧବାର ହଠାତ୍ ଅସୁସ୍ଥ ହୋଇପଡିଥିଲେ ସୁବୋଧ । ଝାଡ଼ା ଓ ବାନ୍ତି ଆରମ୍ଭ ହୋଇଥିଲେ । ତାଙ୍କୁ ସଙ୍ଗେସଙ୍ଗେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ରାଉରକେଲା ଓଏଘୀକୁ ସ୍ଥାନାନ୍ତରିତ କରାଯାଇଥିଲା । ଡାକ୍ତରଙ୍କ ସତ ଚେଷ୍ଟା ସତ୍ତ୍ୱେ ଗତ ଗୁରୁବାର ସୁବୋଧଙ୍କ ମୃତ୍ୟୁ ଘଟିଥିଲା । ସରକାରୀ ପାଣି ପିଇ ସୁବୋଧ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।



## ବଦଳିଲେ ଓଡିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ

ଭୁବନେଶ୍ୱର, ୨୩।୧୨(ପି.ଏନ): ଓଡିଶା ପ୍ରଦେଶ କଂଗ୍ରେସ ପାଇଁ ନିଯୁକ୍ତ ହେଲେ ନୂଆ ପ୍ରଭାରୀ । ଡାକ୍ତର ଅଜୟ କୁମାରଙ୍କୁ ଓଡିଶା ପ୍ରଦେଶ କଂଗ୍ରେସର ନୂଆ ପ୍ରଭାରୀ ଭାବେ ନିଯୁକ୍ତ କରିଛି ଏଆଇସିସି । ଓଡିଶା ସହିତ ତାଙ୍କୁ ତାମିଲନାଡୁ ଓ ପୁଡୁଚେରୀରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।ଅନ୍ୟପକ୍ଷରେ ଓଡିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ ଥିବା ଡାକ୍ତର ଚେଲ୍ଲା କୁମାରଙ୍କୁ ମେଘାଳୟ, ମିଜୋରାମ ଓ ଅରୁଣାଚଳ ପ୍ରଦେଶ କଂଗ୍ରେସର ପ୍ରଭାରୀ କରିଛି ଏଆଇସିସି ।ଓଡିଶା ପ୍ରଦେଶ କଂଗ୍ରେସର ନୂଆ ପ୍ରଭାରୀ ଅଜୟ କୁମାର ଜଣେ ଡାକ୍ତର । ୧୯୮୫ ମସିହାରେ ସେ ପୁଡୁଚେରୀରୁ ଏମ୍ ?ବିବିଏସ୍ ଡିଗ୍ରୀ ହାସଲ କରିଥିଲେ । ଏହା ପରେ ସେ ଭାରତୀୟ ପୁଲିସ୍ ସେବାରେ ଯୋଗ ଦେଇଥିଲେ । ସେ ୧୯୮୬ ବ୍ୟାଚ୍ ?ର ବିହାର କ୍ୟାଡରର ଆଇପିଏସ୍ ଅଫିସର ଥିଲେ । ୧୯୮୬ରୁ ୧୯୯୬ ପର୍ଯ୍ୟନ୍ତ ସେ ଆଇପିଏସ୍ ଭାବେ ଚାକିରି କରିଥିଲେ । ୧୯୯୬ରେ ସେ ଚାକିରି ଛାଡି ଟାଟା ମୋଟର୍ସରେ ଏକ ବରିଷ୍ଠ ପଦବୀରେ ଯୋଗ ଦେଇଥିଲେ । ତା'ପରେ ରାଜନୀତିକୁ ଆସିଥିଲେ । ୨୦୧୧ରେ ଜାମସେଦପୁର ଲୋକସଭା ଆସନରେ ହୋଇଥିବା ଉପନିର୍ବାଚନରେ ସେ ବିଜୟୀ ହୋଇଥିଲେ । ସେତେବେଳେ ସେ ଝାରଖଣ୍ଡ ବିକାଶ ମୋର୍ଚ୍ଚା (ପ୍ରଜାତନ୍ତ୍ରିକ)ର ସଦସ୍ୟ ଥିଲେ । ୨୦୧୪ ସାଧାରଣ ନିର୍ବାଚନରେ ସେ ଏହି ଆସନରୁ ହାରି ଯାଇଥିଲେ । ୨୦୧୪ ଅଗଷ୍ଟ ମାସରେ ସେ କଂଗ୍ରେସରେ ଯୋଗ ଦେଇଥିଲେ । ସେ ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଝାଡଖଣ୍ଡ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲେ । ୨୦୧୯ରେ ସେ ଆପ୍‌ରେ ଯୋଗ ଦେଇଥିଲେ । କିନ୍ତୁ ୨୦୨୦ରେ ପୁଣି କଂଗ୍ରେସକୁ ଫେରି ଆସିଥିଲେ । ନୂଆ ଦାୟିତ୍ୱ ପାଇବା ପୂର୍ବରୁ ସେ ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା ପ୍ରଦେଶ କଂଗ୍ରେସର ପ୍ରଭାରୀ ରହିଥିଲେ । ଅନ୍ୟପକ୍ଷରେ ଆଜି ଆହୁରି ଅନେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ମଧ୍ୟ ନୂଆ ଦଳୀୟ ପ୍ରଭାରୀ ନିଯୁକ୍ତ କରିଛି ଏଆଇସିସି ।



## ଲକ୍ଷ୍ୟରେ ରଖ ୫୦% ଭୋଟ୍: ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରଧାନମନ୍ତ୍ରୀ ମୋଦି

ଭୁବନେଶ୍ୱର, ୨୩।୧୨(ପିଏନ):ଲୋକସଭା ନିର୍ବାଚନ ଆଉମାତ୍ର କେଇ ମାସ ବାକି ଥିବାବେଳେ ଦଳ ପାଇଁ ୫୦% ଭୋଟ୍ ? ସଂଗ୍ରହ ଲକ୍ଷ୍ୟରେ ରଖିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନୂଆଦିଲ୍ଲୀରେ ଦଳୀୟ କାମର୍ଯ୍ୟକର୍ତ୍ତାମାନଙ୍କୁ ଏକ ରୁଦ୍ଧଦ୍ୱାର ବୈଠକରେ ଉଦବୋଧନ ଦେଇ ସେ କହିଛନ୍ତି ଯେ ୨୦୧୯ରେ ଦଳ ୩୦୩ ଆସନ ଜିତିଥିଲା । ଏଥର ଯଦି ମିଶନ ମୋଡ୍ ?ରେ କାର୍ଯ୍ୟ କରାଯାଏ ତେବେ ଏହାଠାରୁ ମଧ୍ୟ ଅଧିକ ଆସନ ଜିତି ହେବ ।ସୂତ୍ର ଅନୁଯାୟୀ ସାମାଜିକ ଗଣମାଧ୍ୟମରେ ବିରୋଧୀଙ୍କ ନକାରାତ୍ମକ ସମାଲୋଚନାର ଆକ୍ରମଣାତ୍ମକ ମୁକାବିଲା କରିବାକୁ ମଧ୍ୟ ସେ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ବିରୋଧୀଙ୍କ ନକାରାତ୍ମକ ଆକ୍ରମଣର ସକାରାତ୍ମକ ଜବାବ ଦେବାକୁ ହେବ ।



## ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ବଡଧରଣର ଅଦଳବଦଳ, ପ୍ରିୟଙ୍କାଙ୍କୁ ନେଇ ବଢ଼ିଲା ଚର୍ଚ୍ଚା

ଭୁବନେଶ୍ୱର, ୨୩।୧୨(ପିଏନ):୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଶନିବାର କଂଗ୍ରେସରେ ବଡ ଧରଣର ସାଂଗଠନିକ ପରିବର୍ତ୍ତନ ହୋଇଛି । ସଚିନ ପାଇଲଟଙ୍କୁ ଏଆଇସିସିର ସାଧାରଣ ସଂପାଦକ କରାଯାଇ ଛତିଶଗଡର ଦାୟିତ୍ୱ ଦିଆଯାଇଛି । ଅନ୍ୟପକ୍ଷରେ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧି ଉତ୍ତର ପ୍ରଦେଶର ପ୍ରଭାରୀ ଥିବା ବେଳେ ତାଙ୍କ ଠାରୁ ଏହି ଦାୟିତ୍ୱ କା ? ନିଆଯାଇଛି । ତାଙ୍କ ସ୍ଥାନରେ ଏଆଇସିସି ସାଧାରଣ ସମ୍ପାଦକ ଅବିନାଶ ପାଣ୍ଡେଙ୍କୁ ଉତ୍ତର ପ୍ରଦେଶର ପ୍ରଭାରୀ ନିଯୁକ୍ତ କରାଯାଇଛି । ପ୍ରିୟଙ୍କା ଗାନ୍ଧିଙ୍କୁ ଅନ୍ୟ କୌଣସି ପ୍ରଦେଶର ଦାୟିତ୍ୱ ଦିଆଯାଇ ନଥିବା ବେଳେ ଆଗାମୀ ଲୋକସଭା ନିର୍ବାଚନରେ ତାଙ୍କର ଭୂମିକା କ'ଣ ରହିବ, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ଦଳର ବରିଷ୍ଠ ନେତା ମୁକୁଲ ଓ୍ୱାସନିକଙ୍କୁ ଗୁଜୁରାଟ ପ୍ରଦେଶ କଂଗ୍ରେସର ପ୍ରଭାରୀ କରାଯାଇଥିବା ବେଳେ ରଣଦୀପ ସିଂହ ସୁରେଜଓ୍ୱାଲାଙ୍କୁ କର୍ଣ୍ଣାଟକା ଦାୟିତ୍ୱ ଦିଆଯାଇଛି । ଜୟରାମ ରମେଶଙ୍କୁ ସାଧାରଣ ସଂପାଦକ କରାଯାଇ କମ୍ୟୁନିକେସନ ଦାୟିତ୍ୱ ଦିଆଯାଇଛି । କେ.ସି ବେଣୁଗୋପାଳ ପୂର୍ବପରି ସାଧାରଣ ସମ୍ପାଦକ ଭାବେ ସଂଗଠନ ଦାୟିତ୍ୱରେ ରହିବେ । ଅନ୍ୟତମ ବରିଷ୍ଠ ନେତା ଅଜୟ ମାକେନ ଏଆଇସିସିର କୋଷାଧ୍ୟକ୍ଷ ଭାବେ ତାଙ୍କ କାର୍ଯ୍ୟ ଜାରି ରଖିବେ । ୧୨ ଜଣ ସାଧାରଣ ସଂପାଦକଙ୍କ ସହିତ ୧୧ ଜଣ ରାଜ୍ୟ ପ୍ରଭାରୀଙ୍କୁ ନିଯୁକ୍ତି ଦେଇଛି ଏଆଇସିସି । ଜିଏସ୍ ମୀର ଝାରଖଣ୍ଡ ପ୍ରଦେଶ କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତି ପାଇଥିବା ବେଳେ ପଶ୍ଚିମବଙ୍ଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଦୀପା ଦାସମୁନସୀଙ୍କୁ କେରଳ, ଲାକ୍ଷାଦୀପର ପ୍ରଭାରୀ କରାଯାଇଥିବା ବେଳେ ତେଲେଙ୍ଗାନାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।ରମେଶ ଚେନ୍ନିଥାଲାଙ୍କୁ ମହାରାଷ୍ଟ୍ର, ମୋହନ ପ୍ରକାଶଙ୍କୁ ବିହାର, ଡାକ୍ତର ଚେଲ୍ଲା କୁମାରଙ୍କୁ ମେଘାଳୟ, ମିଜୋରାମ ଓ ଅରୁଣାଚଳ ପ୍ରଦେଶ କଂଗ୍ରେସର ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି । ଡାକ୍ତର ଅଜୟ କୁମାରଙ୍କୁ ଓଡିଶା ପ୍ରଦେଶ କଂଗ୍ରେସର ପ୍ରଭାରୀ କରାଯାଇଥିବା ବେଳେ ତାମିଲନାଡୁ ଓ ପୁଡଉଚେରୀରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି ।



## ଜେଲ୍ ଗଲା ବୁଖାରୀ, ରବିବାର ଓଡିଶା ଆସିବ କଶ୍ମୀର ପୁଲିସ୍ !

ଭୁବନେଶ୍ୱର, ୨୩।୧୨(ପି.ଏନ):ସରିଲା ରିମାଣ୍ଡ ଅବଧି । ଜେଲକୁ ଗଲା ସୟିଦ ଇଶାନ୍ ବୁଖାରୀ । ୫ ଦିନିଆ ରିମାଣ୍ଡ ଅବଧି ପରେ ସନ୍ଦିଗ୍ଧ କାଶ୍ମୀରୀ ଆତଙ୍କୀ ସୟିଦ ଇଶାନ୍ ବୁଖାରୀକୁ ଜେଲ୍ ପଠାଇଛନ୍ତି ଚଣ୍ଡିଖୋଲ କୋର୍ଟ । ବୁଖାରୀକୁ ୫ ଦିନିଆ ରିମାଣ୍ଡରେ ନେଇ ଘାଣ୍ଟିଥିଲା କ୍ରାଇମବ୍ରାଞ୍ଚ STF । ସୟିଦ ଇଶାନ୍ ବୁଖାରୀକୁ ଭୁବନେଶ୍ୱରରେ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇଥିଲା ଟିମ୍ । ନ୍ୟୁଡ୍ ଆପ୍ କରି ଶତାଧିକ ଯୁବତୀଙ୍କୁ ଶୋଷଣ କରିବା ସହ ପ୍ରତ୍ୟେକ ଭିଡିଓ କଲରୁ ୫ ହଜାର ଟଙ୍କା କମିଶନ ପାଇଛି ବୁଖାରୀ । ଏଭଳି ଭାବେ କୋଟି କୋଟି ଟଙ୍କା ମୁନାଫା କମାଇଛି ଏହି ସନ୍ଦିଗ୍ଧ ଆତଙ୍କୀ । ଓଇ ଓ ପଞ୍ଜାବ ପୁଲିସ ଓଡିଶା ଆସି ବୁଖାରୀକୁ ପଚରାଉଚରା କରିଛନ୍ତି ।










# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଭଗ୍ନ ଅଟ୍ଟାଳିକା

ବେଳେ ବେଳେ ଏକା ଏକା ଛାତ ଉପରେ ବୁଲିଲା ବେଳେ ବହୁ ଚିନ୍ତା ମନକୁ ଆସେ । ଆକାଶରେ ଅଗଣିତ ତାରାରାଶି, ଜହ୍ନ, ବେଳେବେଳେ ପ୍ରକୃତିର ଶୋଭାରାଶି ସହ ଜୀବନ ହେଉ ବା ଜୀବନକୁ ନିଜ ଭିତରେ ଖୋଜିଲେ କାହିଁକି କେଜାଣି ରୋମାଞ୍ଚ ସୃଷ୍ଟି ହୁଏ ତ ବେଳେ ବେଳେ ଉଦାସ ଲାଗେ । ମନରେ ପ୍ରଶ୍ନ ଉଠେ କାହିଁକି ଏ ସୃଷ୍ଟି । ଏହାର ଆବଶ୍ୟକତା କେତେ ।

ତେବେ ସୃଷ୍ଟି ତ ରହସ୍ୟମୟ । ଏ ରହସ୍ୟରୁ କୌଣସି ରସ ବାହାର କରିବା ଏତେ ସହଜ ନୁହେଁ । ମୋହ ମାୟା ଆସକ୍ତି ଭିତରେ ବନ୍ଧା ଏ ଜୀବନ । ଜୀବନ ଅଛି ଜିଇବାକୁ ହେବ । ସେଥିରେ ଯିଏ ଯେମିତି ରସ ପାଉଛି ତାହାକୁ ଆଧାର କରି ଆମେ ରସ ପାନ କରି ଜୀବନ ଧାରଣ କରୁଛେ ବୋଲି ମନେ ମନେ ଭାବେ ।

ଯେତେବେଳେ ସଂସାରଟିଏ ଆରମ୍ଭ ହୁଏ ସାଧାରଣତଃ ଘର ନ ଥିବା ଲୋକଟିଏ ନୂଆଘର ହେଉ ବା ଅଟ୍ଟାଳିକା ହେଉ, ଘରଥିବା ଲୋକଟିଏ ମଧ ନୂଆଭାବେ ଆଉ ଏକ ଅଟ୍ଟାଳିକା ନିର୍ମାଣ କରିବାର ଭାବନା ପ୍ରାୟତଃ ସଭିଙ୍କ ମନରେ ଆସେ । ଛାତ ଉପରେ ଠିଆ ହୋଇ ଥିବା ବେଳେ ଏକ ଜୀର୍ଣ୍ଣ ଭଗ୍ନ ଅଟ୍ଟାଳିକା ଦେଖି ଆଉ ଏକ ପଡୋଶୀର କଥା ମାନସ ପଟ୍ଟରେ ଉଙ୍କି ମାରିଲା ।

ନୂଆଘର ନିର୍ମାଣ କରିବାର ଉତ୍ସାହ ଉଦ୍ଦୀପନା ସ୍ୱତନ୍ତ୍ର । ସନାତନ ଘରଟିଏ ତିଆରି କରିବା ପାଇଁ କେତେ କଣ କରି ନ ଥିଲେ । ମୂଳଦୁଆ ଖୋଳିବା ସମୟରେ ସକାଳୁ ଆସି ହାଜର ।

ମିସ୍ତ୍ରୀ ବାବୁ ମୂଳଦୁଆ ଯେଭଳି ଦୃଢ ହେବ ଦେଖିବ । କେଉଁଠି ଯେମିତି କିଛି କମ ନହୁଏ.,. ଆଜ୍ଞା ଆପଣ ବ୍ୟସ୍ତ ହୁଅନ୍ତୁନି ସବୁ ଠିକ କରି କରିବି । ଘର କଣ ଆଉଥରେ ହେବ ନା କଣ । ସବୁ ଭଲଭାବେ କରିବା ।

ହଉମିସ୍ତ୍ରୀବାବୁ ମୁ ଅଫିସ ଯାଉଛି ଏକାଥରେ ୪/୫ ଟା ବେଳକୁ ଆସିବି । ସନାତନ ସିନା ଏଭଳି କୁହନ୍ତି କିନ୍ତୁ ମଝିରେ ମଝିରେ ବହୁଥର ଆସନ୍ତି ଯାଆନ୍ତି ଘରଟି କେତେଦୂର ଗଲା କେତେ ବାକି ରହିଲା.....କି ଉତ୍କଣ୍ଠା ଓ ଆଗ୍ରହ । ଏଭଳିକି କେତେବେଳେ ମୂଲିଆ ନ ଆସିଲେ କାନ୍ଥବାଡ଼ରେ ପାଣି ଦିଅନ୍ତି । ସନାତନ କାହିଁକି ଏତେ ପରିଶ୍ରମ କରୁଛ କେହି ପଚାରିଲେ ଉତ୍ତର ଦିଅନ୍ତି ଏତେ ପଇସା ଖର୍ଚ୍ଚ ହେଉଛି । ଘର ଦୃଢ଼ ହେବା ପାଇଁ ଯାହା ଦରକାର ନ କଲେ କେମିତି ହେବ । ଦିନେ ଦିନେ ନଖାଇପିଇ ନୂଆଘର ତିଆରି ଦେଖିବା ପାଇଁ ଖରା ବର୍ଷାରେ ଛିଡା ଛିଡା ସମୟ କଟାଇ ଦିଅନ୍ତି । ଘରଟିଏ ପାଇଁ ବହୁ ଋଣ ମଧ କରିଥିବା କଥା କୁହନ୍ତି ।


ପୂର୍ଣ୍ଣଚନ୍ଦ୍ର ବହଳୀ

କଥାବାର୍ତ୍ତା ସମୟରେ ଘର କାହାପାଇଁ କରୁଛ ପଚାରିଲେ କୁହନ୍ତି ମୁ ସିନା ଛୋଟ ମୋଟ ଘରଟିରେ ଚଳିଯାଉଛି,ପିଲାମାନେ କଣ ଚଳି ପାରିବେ । ଇତିମଧ୍ୟରେ ସନାତନର ଦୁଇପୁଅ ଚାକିରୀ କରିଯାଇଛନ୍ତି । ଜଣେ ଆମେରିକାର ତ ଆଉଜଣେ ବମ୍ବେ ରେ ।

ବହୁଦିନ ହେଲାଣି ପିଲାମାନଙ୍କର ଆଉ ଦେଖା ନାହିଁ । ସନାତନର ବୟସ ବି ସତୁରି ଧରିଲାଣି ।

ଏମିତି ଦିନେ ଦେଖା ହେବା ସମୟରେ ମୁଁ ପଚାରିଲି- ସନାତନ ପିଲାମାନେ ଆଉ ଆସୁନାହାନ୍ତିକି । ସନାତନ ଏକ ଦୀର୍ଘଶ୍ୱାସ ଛାଡି କହିଲା -ଜଣେ ତ ଆମେରିକାରେ ଆସିବାକୁ ନାଁ ଧରୁନାହିଁ । ଆଉଜଣେ ବମ୍ବେରେ । ସେଠାରେ ସେ ଫ୍ଲାଟ କିଣି ରହିଲାଣି ।

ମୁ କହିଲି ଏ ଘର କଣ ହେବ ଆପଣଙ୍କ ଅନ୍ତେ.... ସେ କହିଲା ମୁ ଆଉ କଣ କରିବି ପିଲାମାନେ ଭଲରେ ରହିବେ ଭାବି ମୋ କର୍ତ୍ତବ୍ୟ କରିଥିଲି... ମୁଁ କଣ ଏକା ରହିବି କେବେ ଭାବିଥିଲି କଥାଯାହା ହେବ ଦେଖାଯିବ !

ମୁ କହିଲି ସନାତନ ତୁମେ ଏକା ନୁହଁ,ବହୁ ପିତାମାତାଙ୍କର ଏହି ସମଦଶା । ପିଲାମାନଙ୍କ କଥା ଛାଡ଼...ମୋହ ମାୟାର ବଶବର୍ତ୍ତୀ ହୋଇ ଗୋଟିଏ ନିର୍ଜୀବ ଘର ପାଇଁ ମଧ ଯେଉଁ ମମତା ଦେଇ ରକ୍ତ କୁ ପାଣି କରି ଦିଅନ୍ତି କେବେ ନିଜ ଶରୀର ଦୃଢ କରିବା ପାଇଁ ତାହାର କେଉଁ ଖାଦ୍ୟ ଓ ଭିଟାମିନ ଆବଶ୍ୟକ ତାହା କେବେ ଚିନ୍ତା କରନ୍ତି କି । ନିଜ ରୋଗ ବୈରାଗ୍ୟ ପ୍ରତି ମଧ ଆମେ ସଚେତନ ନ ହୋଇ ମୋହ ମାୟାର ଆସକ୍ତି ଭିତରେ ବୁଡି ରୁହନ୍ତି । ଅଥଚ୍ ଯେଉଁ ଘର ହେଉ ଅଟ୍ଟାଳିକା ହେଉ ଛାଡିଯିବା ତାହା କିପରି ଭଲଭାବେ ଷ୍ଟ୍ରଙ୍ଗ ହେବ ଦିନରାତି ଲାଗିପଡନ୍ତି । ସୃଷ୍ଟିର ରହସ୍ୟ କଣ ଏଇଆ, ଏହାହିଁ କଣ ଜୀବନ...... ।

କିଛି ଦିନ ପରେ ସନାତନର ଦେଖା ନ ଥିଲା । ସନାତନର ସ୍ତ୍ରୀ ମଧ ବହୁ ବର୍ଷ ପୂର୍ବେ ? ଦେହତ୍ୟାଗ କରିସାରିଥିଲେ । ସନାତନ କଥା ଜାଣିବା ପାଇଁ ଖୋଜଖବର ନେବାରୁ ଜଣାଗଲା ଯେ ସେ ଯକ୍ଷ୍ମା ରୋଗରେ ପୀଡିତ ହୋଇ ଏକ ଘରୋଇ ଡାକ୍ତର ଖାନରେ ଚିକିତ୍ସିତ ହେଉଥିଲେ । ଦିନେ ହାର୍ଟ ଫେଲ ହୋଇଯିବାରୁ ସେ ପରଲୋକ ଗମନ କରିଛନ୍ତି । ସ୍ୱର୍ଗ ଦ୍ୱାରରେ ଦାହ ସଂସ୍କାର କରି ପୁଅମାନେ ନିଜ ନିଜ ସ୍ଥାନକୁ ଫେରିଯାଇଛନ୍ତି । ଉଦାସ ମନରେ ଉପରକୁ ଚାହିଁ ଏକ ଦୀର୍ଘଶ୍ୱାସ ଛାଡି ଭାବିଲି କେତେ ମୋହ ମାୟା ଦେଇ ପ୍ରଭୁ ଆମକୁ ଜନ୍ମ ଦେଇଛନ୍ତି !

ନିଜର ସବୁ ରୋଜଗାର, ଝାଳନାଳ ନିଗାଡି ଠିଆ କରାଇଥିବା ଏବେ ଭଗ୍ନ ଅଟ୍ଟାଳିକା ରୂପରେ ଦଣ୍ଡାୟମାନ । ଯାହାପାଇଁ ସନାତନ ଦେଖିଥିଲା ସ୍ୱପ୍ନ ତାହା ସ୍ୱପ୍ନରେ ହିଁ ରହିଗଲା । ଏହା କେବଳ ସନାତନ ଜୀବନରେ ନୁହେଁ ଆଜି ବି ରୋଗରେ ବହୁ ପିତାମାତା ଏଭଳି ରୋଗରେ ଆକ୍ରାନ୍ତ....... ।

ଭଦ୍ରକ
ମୋ-୭୯୭୮୩୬୯୨୯୫

# ଅବ୍ୟକ୍ତ

ମୁଁ ସେଦିନ ଠିଆ ହୋଇଥିଲି ପୁଅକୁ ଅପେକ୍ଷା କରି। ସେ ବସିଥିଲା ପରୀକ୍ଷା ହଲରେ। ମୁଁ ଏକରକମ ଅଣନିଃଶ୍ୱାସୀ ହୋଇ ପଡୁଥିଲି। ଠିକ୍ ଦୁଇଟାରେ ପରୀକ୍ଷା ସରିବ। ଆଜି କ'ଣ ହୋଇଥିବ କେଜାଣି ? ଗୋଟିଏ ଦିନ ଆଗରୁ ଆଉ ଗୋଟିଏ ପରୀକ୍ଷା ତା'ର ଥିଲା। ସେଥି ଯୋଗୁଁ ସେ ଆଜିର ପରୀକ୍ଷା ପାଇଁ ଠିକ୍ ଭାବରେ ପ୍ରସ୍ତୁତି କରି ପାରିନଥିଲା। ଆଜି ସକାଳୁ ଉଦବିଗ୍ନ ଜଣା ପଡୁଥିଲା। ବାପା ମା ହିସାବରେ ଆମେ ଦୁହେଁ ଅବଶ୍ୟ ତାକୁ ଯଥାସାଧ ପ୍ରକୃତିସ୍ଥ କରିବାକୁ ଚେଷ୍ଟା କରିଥିଲୁ।

ଦୁଇଟା ତିରିଶ ହୋଇ ସାରିଥିଲା। ତଥାପି ପୁଅ ଗେଟ୍ ବାହାରକୁ ବାହାରି ନଥିଲା। ଉଦବେଗ ଆହୁରି ବଢି ଯାଉଥିଲା। ଏତେ ଡେରି କ'ଣ ପାଇଁ ? ତା ସାଙ୍ଗମାନେ କେହି ତ ବାହାରକୁ ଆସି ନାହାନ୍ତି ବୋଲି ମନରେ ଆସିବାରୁ ପ୍ରକୃତିସ୍ଥ ହେଲି।

ପ୍ରାୟ ପନ୍ଦର ମିନିଟ୍ ପରେ ସେ ମୋତେ ଦୂରରୁ ଦିଶିଲା। ତା' ମୁହଁରୁ ତା'ର ଭଲମନ୍ଦ କଥା ବୁଝିବାକୁ ଚେଷ୍ଟା କଲି। ପରୀକ୍ଷା ଠିକ୍ ଠାକ୍ ହୋଇଛି ତ ! ତା'ର ହାବଭାବ ମୋତେ ନିରୁତ୍ସାହିତ କରୁଥିଲା। ନିଜ ଭିତରେ ନିଜେ ସାଙ୍କୁଡି ଯାଉଥିଲି। ସେ ମୋ ପାଖରେ ପହଞ୍ଚି ସାରିଥିଲା।

-' ଖାତା କମ୍ ସଂଖାରେ ଥିବାରୁ, ଜେରକ୍ସ କପି ଆଣିବା ପରେ ପରୀକ୍ଷା ଆରମ୍ଭ ହେଲା। ସେଥିପାଇଁ ଡେରି।'' ଏତିକି କହିବା ଭିତରେ ମୋ ପଛରେ ସେ ବସି ସାରିଥିଲା। ଅଗତ୍ୟା ମୁଁ ବାଇକ ଷ୍ଟାର୍ଟ କଲି।

ବାଟରେ ମୁଁ ପରୀକ୍ଷା କଥା ପଚାରି ନଥିଲି କିମ୍ବା ସେ ବି କିଛି କହି ନଥିଲା।ମନେ ମନେ ମୁଁ ସବୁ ବୁଝି ସାରିଥିଲି। ସେମିତି ଚୁପ୍ ଚାପ୍ ଦୁହେଁ ଘରେ ଆସି ପହଞ୍ଚିଲୁ।ମାଆ ମନ ନେଇ ସୀମା ପୁଅ ବାଟକୁ ଚାହିଁ ରହିଥିଲେ। ଆମେ ପହଞ୍ଚିବା କ୍ଷଣି ମୋ ଆଡକୁ ସେ ବିକଳରେ ଚାହିଁଲେ। ଇସାରାରେ ମୁଁ ଜଣାଇଦେଲି ମୋ ଭାବୁଥିବା କଥା। ଏତିକିରେ ସେ ସବୁ ବୁଝି ଯାଇଥିଲା ପରି ମୁହଁ ଶୁଖାଇ ରୋଷେଇ ଘରକୁ ଗଲେ ।

ଦୀପୁ ଧୁଆଧୋଇ ହୋଇ ଖାଇ ବସିଲା ଏବଂ ଯଥାଶୀଘ୍ର ଖାଇବା ଶେଷ କରି ଉଠିଗଲା। ମୁଁ ଖାଇ ସାରିବା ବେଳକୁ ସେ ତା ମୋବାଇଲରେ କ'ଣ ଦେଖୁଥିଲା।

-' କାଲି ପୁରା ରାତି ଜମା ଶୋଇନି। ତାକୁ କୁହ ଶୀଘ୍ର ଯାଇ ଶୋଇପଡୁ।' ପୁଅ ଉଦ୍ଦେଶ୍ୟରେ ମୋତେ କହିଲେ ସୀମା।

ହେଲେ ମୋତେ ପୁଅକୁ କିଛି କିଛି କହିବାକୁ ପଡିଲାନି। ସେ ଯେମିତି ମାନସିକ ଭାବରେ ପ୍ରସ୍ତୁତ ଥିଲା।କବାଟ ଆଉଜେଇ ଶୋଇବାକୁ ଗଲା।

ସୀମା ଆଉ ମୁଁ ଆଉ ଦୀପୁ ପରୀକ୍ଷା ବିଷୟରେ ଆଉ କିଛି କଥା ହେବାକୁ ଉଚିତ୍ ମନେ କଲୁନି। ନିଜ ଭିତରେ ଆଉଟି ପାଉଟି ହେବା ସେ ସମୟରେ ବୋଧହୁଏ ଶ୍ରେୟସ୍କର ଥିଲା। ସୀମା ଗଲେ ବିଶ୍ରାମ ନେବାକୁ , ଆଉ ମୁଁ ମାଗାଜିନ୍ ଟିଏ ବାହାର କରି ପଢି ବସିଲି।

ଗୋଟିଏ ଟିୟୁସନ ସାରି କୋଚିଂ ସେଣ୍ଟରରେ ପହଞ୍ଚିବାକୁ ହେବ ବୋଲି ମୁଁ ସମୟାନୁସାରେ ଘରୁ ବାହାରି ଗଲି। ଇତି ମଧ୍ୟରେ ମୁଁ ଅବଶ୍ୟ ମାନସିକ ଭାବରେ ସାବଲୀଳ ହେବାକୁ ଚେଷ୍ଟା କରି ସଫଳ ହୋଇ ସାରିଥିଲି। 'ଆସନ୍ତା ପରୀକ୍ଷା ତା'ର ନିଶ୍ଚୟ ଭଲ ହେବ ' ମନେ ମନେ ଗୁଣି ହେଉଥିଲି।

ଘରକୁ ଫେରୁ ଫେରୁ ରାତି ପ୍ରାୟ ନଅଟା ତିରିଶ। ସୀମା କବାଟ ଖୋଲିଲେ ତ ତାଙ୍କ ମୁହଁରେ ସେତେ ଆଉ ବିରସତା ନଦେଖି ମୁଁ ଆଶ୍ୱସ୍ତ ହେଲି।-' ପ୍ରାୟ ସବୁ ପିଲାଙ୍କର ପରୀକ୍ଷା ଖରାପ ହୋଇଛି ମ !ଦୀପୁ ପଚାରୁଥିଲା ବାପା କେତେବେଳେ ଆସିବେ ବୋଲି।


ସୁଦର୍ଶନ ମହାପାତ୍ର

ବୋଧହୁଏ ତୁମକୁ କିଛି କହିବ ବୋଲି ଅପେକ୍ଷା କରିଛି।' ସୀମାଙ୍କ କଥାରେ ମୁଁ ଜାଣିଲି ଇତି ମଧ୍ୟରେ ପୁଅ ପରୀକ୍ଷା ବିଷୟରେ କିଛି କଥାବାର୍ତ୍ତା କରି ସାରିଛି।

ମୁଁ ଧୁଆଧୋଇ ହୋଇ ସାରିଲା ବେଳକୁ ଖାଇବା ବଢା ହୋଇ ସାରିଥିଲା। ସମସ୍ତେ ଏକାସଙ୍ଗେ ଖାଇ ବସିଲୁ। କିନ୍ତୁ ପରିବେଶ ସେମିତି ଗୁମସୁମ ଥିଲା।ଦୀପୁ ତଳକୁ ମୁହଁ ପୋତି ଖାଉଥିଲା।

ଶୋଇବାକୁ ଯିବା ପୂର୍ବରୁ ମୁଁ ପୁଅର ଷ୍ଟଡି ରୁମକୁ ଗଲି। କାଳେ ଦୀପୁ କିଛି କହିବ ମୋତେ ! ହେଲେ ସେ ତା' ପାଠରେ ମଗ୍ନ ଥିଲା। ପ୍ରାୟ ଦଶ ପନ୍ଦର ମିନିଟ୍ ମୁଁ ସେଇ ଘରେ ପଡିଥିବା ଖଟ ଉପରେ ବସି ମୋବାଇଲ ଘାଣ୍ଟିଲି। ଶୀଘ୍ର ଶୋଇବାର ଅଭ୍ୟାସ ତ' ସେଠୁ ଉଠି ଆସିଲି।

ନିଦ ଭାଙ୍ଗିଲା ବେଳକୁ ବ୍ରାହ୍ମ ମୁହୂର୍ତ୍ତ। ଚାରିଟା ତିରିଶ। କବାଟ ଫାଙ୍କରେ ଷ୍ଟଡି ରୁମରେ ଲାଇଟ୍ ଦିଶିଲା। କବାଟ ଖୋଲି ଭିତରକୁ ଗଲି ।ଦୀପୁ ପଢୁଥିଲା।

-' ତୁ ଏପର୍ଯ୍ୟନ୍ତ ଶୋଇନୁ ?'

-' ନିଦ ହେଲାନି ତ ଉଠି ଆସିଲି।'

ପୁଅର ଉତ୍ତରରେ ମୁଁ ପ୍ରାୟ କ୍ଷୁବ୍ଧ ହେଲି। କ୍ଷଣିକରେ ବି ପ୍ରକୃତିସ୍ଥ ହୋଇଗଲି।

-' ରେଷ୍ଟ ନନେଲେ ପାଠ କିଛି ମନେ ରହିବନି। ପୂର୍ବ ରାତିରେ ପୁରା ଅନିଦ୍ରା ଥିଲୁ। ପଛ ପରୀକ୍ଷା କଥା ଭୁଲି ଆଗ ପରୀକ୍ଷା କଥା ଚିନ୍ତା କରିବା ଭଲ।ଆଗ ପରୀକ୍ଷା ଭଲ ହେଲେ ବଳେ ଭୁଲିଯିବୁ ସବୁ ଦୁଃଖ ଆଉ ଅନୁଶୋଚନା।'

ସେ ଯେମିତି ମୋର ଏଇ ପରୀକ୍ଷା ବିଷୟକ କେଇ ପଦ କଥାକୁ ଅପେକ୍ଷା କରି ରହିଥିଲା ।

-' ଆନାଟୋମି ପେପର ଟୁ ପାଠ୍ୟକ୍ରମ ଅରନ୍ତଭୁକ୍ତ କିଛି ଅଂଶ ପେପର ୱାନ ରେ ପଡ଼ିଯାଇଛି। ଯେଉଁଟା ପାଇଁ ମୁଁ ପ୍ରସ୍ତୁତ ହୋଇ ନଥିଲି। ତେଣୁ ଆଶାନୁରୂପ ଉତ୍ତର ମୁଁ ଦେଇ ପାରିନି।'

-' ଆଚ୍ଛା ! ସେଥିରେ ତୋର ବ୍ୟସ୍ତ ହେବାର କିଛି ନାହିଁ। ଅନ୍ୟ ପିଲାମାନେ ବି ସେମିତି ଅସୁବିଧାରେ ପଡିଥିବେ ନିଶ୍ଚୟ।' ପୁଅକୁ ଧୀର ସ୍ୱରରେ ବୁଝାଇବାକୁ ଚେଷ୍ଟା କରୁଥିଲି।

- ' ହେଲେ ମାର୍କ ଖୁବ୍ କମିଯିବ ନା !'

- ' ଆରେ ତୁ କ'ଣ ଭାବୁଚୁ ଏଇ ଏମ୍ ବି ବି ଏସ୍ ପାଠ୍ୟକ୍ରମ ତୋର ଦଶମ କିମ୍ବା ଦ୍ୱାଦଶ ହୋଇଛି ଯେ, ସେ ପରୀକ୍ଷା ଭଳି ପଞ୍ଚାନବେ ପ୍ରତିଶତ ନମ୍ବର ରଖିବୁ ବୋଲି ଭାବୁଛୁ ? ଜାଣିଛୁ ଯିଏ ଆଇ ଏ ଏସ ଟପ୍ପର ହେଉଛି, ତା'ର ଷାଠିଏ ସତୁରୀ ପ୍ରତିଶତ ଭିତରେ ନମ୍ବର ରହେ। ସେ ସବୁ କଥା ଛାଡି ତୁ ତୋ କର୍ତ୍ତବ୍ୟ କରିଚାଲ। ଭଗବାନ ତୋତେ ସାହା ହେବେ।' ମୁଁ ପୁଅ ସହିତ ଏସବୁ କଥା ହେଲା ଭିତରେ ସୀମା ଆସି ଆମ ପାଖରେ ପହଁଞ୍ଚି ସାରିଥିଲେ।

-' ଯା ବାବା ଏବେ ଟିକିଏ ଶୋଇପଡ। ଆଜି ଗୋଟିଏ ଦିନ ଗ୍ୟାପ ଅଛି। ଆସନ୍ତାକାଲି ପରୀକ୍ଷା ପାଇଁ ପଢ଼ାପଢ଼ି କରିବାକୁ ସମୟ ଅଛି।' ପୁଅ ପାଖରେ ବସି ତା ମୁଣ୍ଡକୁ ସାଉଁଳେଇ ଦେଉ ଦେଉ କହିଲେ ସୀମା।

ସେଇଠୁ ପୁଅ ଉଠିଗଲା ଶୋଇବାକୁ। ତା' ନିଦ ଭାଙ୍ଗିଲା ବେଳକୁ ଦିନ ଏଗାର। ଟିକିଏ କ'ଣ ଖାଇ ବହି ଧରି ପଢିବା ଭିତରେ ପୁଣି ସେଇ ଖଟ ଉପରେ ଶୋଇ ପଡ଼ିଥିଲା ଯେ, ସେ ନିଦ ଭାଙ୍ଗିଲା ବେଳକୁ ଅପରାହ୍ନ ତିନିଟା। ଏତିକି ବେଳକୁ ସେ ଦିଶୁଥିଲା ସତେଜ ସତେଜ।

ସେଇଠୁ ପୁଣି ସେ ପଢ଼ାପଢ଼ି ଆରମ୍ଭ କଲା ଯେ ପରଦିନ ସକାଳ ପାଞ୍ଚଟା। ମୁଁ ଉଠି ଦେଖିଲି ପୁଅ ପଢୁଥିବା ଟେବୁଲ ପାଖରେ ଥିବା ଖଟରେ ସୀମା ଶୋଇଛନ୍ତି। ପୁଅକୁ ଧିରେ କହିଲି ଏବେ ଯାଇ ଟିକେ ବିଶ୍ରାମ ନେବାକୁ ।ଇତି ମଧ୍ୟରେ ସେ ଗଲା କାଲିର ଦୁର୍ଭାବନାରୁ ବୋଧହୁଏ ମୁକୁଳି ସାରିଥିଲା। ଅଳ୍ପ ହସି ଶୋଇବାକୁ ଗଲା ।ସକାଳ ଆଠଟାରେ ତାକୁ ଡାକିଦେଲି ନିତ୍ୟକର୍ମ ସାରିବାକୁ। ସେ ଏଇ କେତେ ସମୟ ଭଲରେ ଶୋଇ ପଡିଥିଲା ବୋଲି ମୋର ହୃଦବୋଧ ହେଲା।

ଯଥା ସମୟରେ ସେ ପରୀକ୍ଷା ହଲରେ ବସି ସାରିଥିଲା ଆଉ ମୁଁ ଗେଟ୍ ବାହାରେ ଠିଆ ହୋଇ ଈଶ୍ୱରଙ୍କ ପାଖରେ ତା'ର ଶୁଭ ମନାସୁଥିଲି।

ଦୀପୁ ପରୀକ୍ଷା ହଲରୁ ବାହାରିଲା ଆଜି ଠିକ୍ ସମୟରେ। ମୋ ଆଖି ଲାଖିରହିଥିଲା ତା ମୁହଁ ଉପରେ। ସେ ସବୁଦିନ ପରି ଆଜି ବି ସାଧାରଣ ଦିଶୁଥିଲା। ମୋ ପାଖରେ ପହଞ୍ଚିଲା ତ ତାକୁ କିଛି ନପଚାରି ମୁଁ ବାଇକ୍ ଷ୍ଟାର୍ଟ କଲି।

-' ରୁହ ଟିକେ। ମୋତେ ଫୋନ୍ ଟା ଦିଅ ତ' । ଆଜି ପରୀକ୍ଷା ଭଲ ହୋଇଛି ବୋଲି ମାମା କୁ ଟିକେ ଜଣେଇ ଦିଏ।' ପୁଅ ହାତକୁ ଫୋନ୍ ବଢେଇ ମୁଁ ଜଗନ୍ନାଥଙ୍କୁ ସୁମରଣା କଲି... ! ! !

କୁଞ୍ଜବିହାରୀ ଲେନ, କଟକ

# ଅଭିଭାଷଣ

ଗତବର୍ଷ ନୂଆବର୍ଷ ଦିନ ବରିଷ୍ଠ ନାଗରିକମାନଙ୍କର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିବା ପାଇଁ ସମୀର ବାବୁଙ୍କ ପାଖରେ ପହଞ୍ଚିଥିଲେ ଅନାଦି ବାବୁ । ଅନୁରୋଧ କରିଥିଲେ ବରିଷ୍ଠ ନାଗରିକମାନଙ୍କର ବାର୍ଷିକ ଉତ୍ସବରେ ସମୀର ବାବୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରନ୍ତୁ । ଅତି ବିନମ୍ର ସହକାରେ ସମୀର ବାବୁ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ସମୀର ବାବୁଙ୍କର ଯୁକ୍ତି ଥିଲା ଯେ ବରିଷ୍ଠମାନଙ୍କର ସଭାରେ ତାଙ୍କ ପରି ଜଣେ କନିଷ୍ଠ ବ୍ୟକ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ'ଣ ଅଭିଭାଷଣ ରଖିବ । ବରିଷ୍ଠମାନେ ଅନୁଭୂତି ତଥା ଅଭିଜ୍ଞତାରେ ତାଙ୍କଠାରୁ ଢେର ଆଗରେ । ତାହାଛଡା ସେମାନେ ଜ୍ଞାନୀ , ଗୁଣୀ , ବିଜ୍ଞ , ପଣ୍ଡିତ ଅଟନ୍ତି । ଭାଷଣ ଦେବାରେ ସେମାନଙ୍କର ଯଥେଷ୍ଟ ଦକ୍ଷତା ରହିଛି । ବିଭିନ୍ନ ସରକାରୀ ଓ ବେସରକାରୀ ପଦପଦବୀରେ ମଣ୍ଡିତ ହୋଇ ସେମାନେ ଏବେ ଅବସର ନେଇଛନ୍ତି । ଅନେକ ସଭାସମିତି ତଥା ସଙ୍ଗଠନ ମାଧ୍ୟମରେ ସେମାନଙ୍କର ଅନେକ ସୁନ୍ଦର ସୁନ୍ଦର ବକ୍ତୃତା ଦେବାର ଅଭିଜ୍ଞତା ରହିଛି ।ସେମାନଙ୍କ ସଭାରେ ଜଣେ କନିଷ୍ଠ ବ୍ୟକ୍ତି ମୁଖ୍ୟ ଆସନ ଅଳଙ୍କୃତ କରିବା ସଭାକୁ ଶୋଭା ପାଇବ ନାହିଁ । ମାତ୍ର ଅନାଦି ବାବୁ ଏ ପ୍ରସ୍ତାବକୁ ଗ୍ରହଣ ନ କରି ବରିଷ୍ଠକନିଷ୍ଠ ମତଭେଦ ନ ରଖି ଜଣେ ସୁବକ୍ତା ହିସାବରେ ତାଙ୍କୁ ମୁଖ୍ୟ ଅତିଥି ଭାବରେ ସଭାରେ ଆସନ ଅଳଙ୍କୃତ କରିବା ବିଷୟ ଆଲୋଚ଼ନା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଛି ବୋଲି ସମୀର ବାବୁଙ୍କ ଜଣାଇଲେ । ସମସ୍ତଙ୍କ ଅନୁରୋଧକୁ ଅଗ୍ରାହ୍ୟ କରିଦେବାଟା ଉଚିତ ହେବନାହିଁ ବୋଲି ଅନାଦି ବାବୁ କହିବା ସହିତ ବିଶେଷ କରି ସିଏ ସ୍ୱୟଂ ଏହି ପ୍ରସ୍ତାବ ଆଗତ କରିଥିବାରୁ ତାଙ୍କର ସମ୍ମାନ ରକ୍ଷା କରିବାକୁ ସମୀର ବାବୁଙ୍କୁ ନିଶ୍ଚୟ ଯିବାକୁ ପଡିବ ବୋଲି ବାରମ୍ବାର ଅନୁରୋଧ କରିବାରୁ ସମୀର ବାବୁ କିଂକର୍ତ୍ତବ୍ୟମୂ ? ହୋଇ ବାଧ୍ୟବାଧକତାରେ ହଁ ଭରିଲେ ସତ , ମାତ୍ର ମନ ମଧ୍ୟରେ ସେତେଟା ଆଗ୍ରହ ପ୍ରକାଶ କରିଲେ ନାହିଁ। ସମୀର ବାବୁ ବୃତ୍ତିରେ ଜଣେ ଇଞ୍ଜିନିୟର । ବିଦ୍ୟୁତ ବିଭାଗରେ ଜୁନିୟର ଇଞ୍ଜିନିୟର ଭାବରେ ସେ ସେହି ଅଞ୍ଚଳର ବିଦ୍ୟୁତ ସେକ୍ସନରେ କାର୍ଯ୍ୟରତ । ମାତ୍ର ସ୍ଥାନୀୟ ଅଞ୍ଚଳରେ ହେଉଥିବା ବିଭିନ୍ନ ସଭାସମିତିରେ ଉପସ୍ଥିତ ରହି ସେ ମଞ୍ଚରେ ଯେଉଁ ଅଭିଭାଷଣ ପ୍ରଦାନ କରନ୍ତି ସେଥିରେ ସେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଅନ୍ତି । ସେହି ଅଞ୍ଚଳର ଧାର୍ମିକ ଅନୁଷ୍ଠାନ , ସାରସ୍ୱତ ମଞ୍ଚ , ଶ୍ରଦ୍ଧାଞ୍ଜଳି ସଭା , ବିଦ୍ୟାଳୟମାନଙ୍କର ବାର୍ଷିକ ଉତ୍ସବ , ବିଭିନ୍ନ କ୍ଲବମାନଙ୍କର ନାଟକ ଉତ୍ସବ ଇତ୍ୟାଦି କାର୍ଯ୍ୟକ୍ରମରେ ସେ ଅତିଥି ଭାବରେ ସେ ଯୋଗଦାନ କରି ଖୁବ ଉଚ୍ଚକୋଟୀର ଅଭିଭାଷଣ ଦେଇ ଜଣେ ବକ୍ତା ହେବାର ଦକ୍ଷତା ପ୍ରତିପାଦନ କରିଛନ୍ତି । ତେବେ ବରିଷ୍ଠମାନଙ୍କର ସଭାରେ ସେ ଜଣେ କନିଷ୍ଠ ବ୍ୟକ୍ତି ହୋଇଥିବାରୁ ବରଂ ସେ ଯୋଗଦାନ କରି କିଛି ଭାଷଣ ଶ୍ରବଣ କରି ଜ୍ଞାନ ଆହରଣ ପୂର୍ବକ ନିଜକୁ ଧନ୍ୟ ମନେକରିଥାନ୍ତେ ବୋଲି ଆଶା ପ୍ରକାଶ କରିଥିଲେ ମଧ ଅନାଦିବାବୁଙ୍କ ବାରମ୍ବାର ଅନୁରୋଧକୁ ଏଡାଇ ଦେବାକୁ ଉଚିତ ମନେକଲେ ନାହିଁ।

ଉତ୍ସବର ଚାରିଦିନ ଆଗରୁ ତାଙ୍କ ପାଖରେ ନିମନ୍ତ୍ରଣ କାର୍ଡ ଧରି ପହଁଚିଲେ ଅନାଦି ବାବୁ । ନିମନ୍ତ୍ରଣ ଦେବା ସହିତ ସେଦିନ କୌଣସି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ନକରି ସେମାନଙ୍କ ସଭାକୁ ସାଫଲ୍ୟମଣ୍ଡିତ କରିବାକୁ ନିବେଦନ କରିଲେ । ଅନାଦି ବାବୁଙ୍କ ପରି ଜଣେ ବୟସ୍କ ବ୍ୟକ୍ତି ତଥା ଜଣେ ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କର ଅନୁରୋଧକୁ ଆଉ ପ୍ରତ୍ୟାଖ୍ୟାନ କରିବାର ଅବକାଶ ନଥିଲା ତାଙ୍କ ପାଖରେ । ତେଣୁ ସେ ବାଧ୍ୟ ହୋଇ ହଁ ଭରିବା ସହିତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ସାମାନ୍ୟ ଆଗ୍ରହ ପ୍ରକାଶ କରିଲେ । ଅନାଦି ବାବୁ ମଧ ନୂଆବର୍ଷ ଦିନ ଠିକ ଦଶଟା ବେଳେ ତାଙ୍କ ପାଖରେ ପହଞ୍ଚି ନିଜ ଗାଡ଼ିରେ ସାଥିରେ ନେଇଯିବେ ବୋଲି ସମୀର ବାବୁଙ୍କୁ କହିବା ସହିତ ସଭାରେ ଉପସ୍ଥିତ ହେବାକୁ ଥିବା ଅନ୍ୟାନ୍ୟ ଭଦ୍ରବ୍ୟକ୍ତି , ନିମନ୍ତ୍ରିତ ଅତିଥି ଓ କାର୍ଯ୍ୟସୂଚୀ ବାବଦରେ ବିଶଦ ଆଲୋଚ଼ନା କରି ବିଦାୟ ନେଲେ । ନୂଆବର୍ଷ ଦିନ ସେଠାରୁ ଦଶ କିଲୋମିଟର ଦୂରରେ ଏକ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ହୋଇଥିବା ଉତ୍ସବ ସ୍ଥଳରେ ନିର୍ଦ୍ଧାରିତ ସମୟରେ ଅନାଦି ବାବୁଙ୍କ ଗାଡ଼ିରେ ପହଞ୍ଚିଲେ ସମୀର ବାବୁ । ସମୀର ବାବୁଙ୍କ ପରି ଜଣେ ଯୁବକଙ୍କୁ ମୁଖ୍ୟ ଅତିଥି ଭାବରେ ନିମନ୍ତ୍ରିତ କରାଯାଇଥିବା ଦେଖି ଅନେକ ବ୍ୟକ୍ତି ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହିତ ଅନେକ ମଧ ସମୀର ବାବୁଙ୍କ ସହିତ କଥା ପ୍ରସଙ୍ଗରେ ପରିଚୟ ବୁଝିନେଲେ । ଅବଶ୍ୟ ସମୀର ବାବୁଙ୍କୁ ଆତିଥେୟତା ପ୍ରଦାନ କରିବାରେ କେବେ ତ୍ରୁଟି ହୋଇନଥିଲା । ଯଥେଷ୍ଟ ସମ୍ମାନର ସହିତ ଅତିଥିଙ୍କୁ ଅଭ୍ୟର୍ଥନା କକ୍ଷକୁ ନିଆଯାଇ ଚା ଓ ଜଳଖିଆରେ ପ୍ରାଥମିକ ଭାବରେ


ନିରଞ୍ଜନ ସାହୁ

ଆପ୍ୟାୟିତ କରି ଅତିଥି ଚର୍ଚ୍ଚା କରାଯାଇଥିଲା । ମାତ୍ର ଜଣେ ଯୁବକଙ୍କୁ ମୁଖ୍ୟ ଅତିଥି ଭାବରେ ଅନାଦି ବାବୁ ପ୍ରସ୍ତାବ ଦେଇଥିବାରୁ ଅଧିକାଂଶ ବରିଷ୍ଠ ନାଗରିକ ସେତେଟା ଖୁସି ନଥିବା ପରି ଅନୁଭବ କରିଥିଲେ ସମୀର ବାବୁ । ପରେପରେ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥିମାନେ ସଭାସ୍ଥଳରେ ପହଞ୍ଚିବା ପରେ ସେମାନଙ୍କୁ ମଧ ସେହି ଅଭ୍ୟର୍ଥନା କକ୍ଷରେ ଆତିଥେୟତା ପ୍ରଦାନ କରାଯାଇଥିଲା । ନିମନ୍ତ୍ରିତ ଅନ୍ୟାନ୍ୟ ଅତିଥିମାନେ ମଧ ଏହି ଯୁବ ଅତିଥିଙ୍କ ସହିତ ପରିଚିତ ହେବାବେଳେ ଉପର ମନରେ ଯେତେଟା ଖୁସି ଅନୁଭବ କରୁଥିଲେ ଭିତରେ ମନରେ ସେତେଟା ଆଗ୍ରହ ପ୍ରକାଶ କରିନଥିବା ଅନୁଭବ କରିଥିଲେ ସମୀର ବାବୁ । ବୋଧହୁଏ ବୟସର ତାରତମ୍ୟ ହିଁ ଏଠାରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା ବୋଲି ସମୀର ବାବୁ ଠଉରେଇ ନେଇଥିଲେ ।

ଯଥା ସମୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଅତିଥିମାନଙ୍କ ମଞ୍ଚ ଆରୋହଣ , ସ୍ୱାଗତ ସମ୍ଭାଷଣ , ପ୍ରଦୀପ ପ୍ରଜ୍ଜ୍ୱଳନ , ଅତିଥି ପରିଚୟ , ସମ୍ବର୍ଦ୍ଧନା ପର୍ବ ଇତ୍ୟାଦି କାର୍ଯ୍ୟକ୍ରମର ସମାପନ ପରେ ଏଥର ଅତିଥିମାନେ ଭାଷଣ ଦେବାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସଭାପତିଙ୍କ ଅନୁରୋଧରେ ସର୍ବପ୍ରଥମେ ସମୀର ବାବୁ ନିଜର ବକ୍ତବ୍ୟ ରଖିବାର ସୁଯୋଗ ପାଇଥିଲେ । ସମୀର ବାବୁ ସଭାକୁ ସମ୍ବୋଧନ କରିବା ପରେ ବରିଷ୍ଠମାନଙ୍କ ସଭାରେ ତାଙ୍କ ପରି ଜଣେ କନିଷ୍ଠଙ୍କୁ ମୁଖ୍ୟ ଅତିଥି ଆସନ ଦେଇ ତାଙ୍କଠାରୁ କିଛି ବକ୍ତବ୍ୟ ଶୁଣିବାକୁ ସମସ୍ତେ ଚାହିଁଥିବାରୁ ସେ ପ୍ରଥମେ ବିନମ୍ର ସହକାରେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ପୂର୍ବକ ବକ୍ତବ୍ୟରେ କୌଣସି ଭୁଲତ୍ରୁଟି ରହିଲେ ତାଙ୍କୁ କ୍ଷମା କରିଦେବାକୁ ନିବେଦନ କରି ନିଜର ସ୍ୱଭାବସୁଲଭ ଢଙ୍ଗରେ ବକ୍ତବ୍ୟ ଦେବା ଆରମ୍ଭ କରିଲେ । ସେଦିନ ଆମେରିକାର ଚିକାଗୋ ଧର୍ମସଭାରେ ବିଶ୍ୱର ପ୍ରମୁଖ ଜ୍ଞାନୀଗୁଣୀଙ୍କ ସାମ୍ନାରେ ଯୁବ ସନ୍ୟାସୀ ସ୍ୱାମୀ ବିବେକାନନ୍ଦ ଯେପରି ଅନର୍ଗଳ ବକ୍ତୃତା ଦେଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଯେପରି ସମସ୍ତଙ୍କ ହୃଦୟକୁ ଜିଣି ନେଇଥିଲେ , ଠିକ ସେହିପରି ସମୀର ବାବୁ ମଧ ନିଜର ଅଭିଭାଷଣ ଜରିଆରେ ଉପସ୍ଥିତ ସଭାସଦଙ୍କ ମନକୁ ମୋହି ପାରିଥିବାର ଅନୁଭବ କରି ନିଜର ବକ୍ତବ୍ୟ ଆଗକୁ ବଢ଼ାଇ ଚାଲିଥିବା ବେଳେ ହଠାତ ସଭାର ସଭାପତି ତାଙ୍କୁ ସେତିକି କହି ନିଜର ବକ୍ତବ୍ୟ ରଖିବାକୁ ସୂଚନା ପ୍ରଦାନ କରିଲେ । ଏପରିକି ସଭାପତି ନିଜ ଆସନରେ ଛିଡା ହୋଇ ସମୀର ବାବୁ ସେତିକି କୁହନ୍ତୁ ବୋଲି ଘୋଷଣା କରିବା ସହିତ ଅନ୍ୟ ଜଣେ ଅତିଥିଙ୍କୁ କହିବାକୁ ଅନୁରୋଧ ଜଣାଇଲେ । ବାଧହୋଇ ସମୀର ବାବୁ ନିଜର ବକ୍ତବ୍ୟକୁ ଅଧାରେ ରଖି ଆସନ ଅଳଙ୍କୃତ କରି ନିଜ ଘଣ୍ଟାକୁ ଚାହିଁ ଦେଖିଲେ ଯେ ସେ ମାତ୍ର ଦଶ ମିନିଟ ବକ୍ତବ୍ୟ ରଖିଛନ୍ତି । ସଭାରେ ବସିଥିବା ସମସ୍ତ ଶ୍ରୋତାଗଣ ମଧ ଏପରି ଉଚ୍ଚକୋଟୀର ଭାଷଣକୁ ହଠାତ ବନ୍ଦ କରିଦେବାଟାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ସେମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ପରସ୍ପର ମଧ୍ୟରେ ମୃଦୁ ଆଲୋଚ଼ନା କରି ଏହା ଠିକ ହେଲାନାହିଁ ବୋଲି ମତ ଦେଲେ ମଧ ସଭାରେ ଅନ୍ୟଜଣେ ଅତିଥି ଠିଆ ହୋଇ ନିଜର ଅଭିଭାଷଣ ଜାରି ରଖିଥିବାରୁ ବାଧହୋଇ ସେମାନେ ଶୃଙ୍ଖଳା ରକ୍ଷା କରିବାକୁ ଲାଗିଲେ । ସମୀର ବାବୁ ନିଜ ଆସନରେ ମୁହଁ ତଳକୁ କରି ବସିରହି ଅନ୍ୟ ଅତିଥିମାନଙ୍କର ଭାଷଣ ଶୁଣିବାକୁ ଲାଗିଲେ । ତାଙ୍କୁ ଅନ୍ୟ ଅତିଥିମାନଙ୍କର ଭାଷଣ ସେତେଟା ଭଲ ନ ଲାଗିଲେ ମଧ ସୌଜନ୍ୟ ଦୃଷ୍ଟିରୁ ମିଛଟାରେ ହସିହସି ଶୁଣିବାକୁ ଆଗ୍ରହ ପ୍ରକାଶ କରିଲେ । ମାତ୍ର ତାଙ୍କୁ କାହିଁକି ହଠାତ ବନ୍ଦ କରିଦିଆଗଲା ଏହାର ରହସ୍ୟ ସେ ସହଜରେ ଭେଦ କରିପାରିଲେ ନାହିଁ। ସଭା ସରିଗଲା ପରେ ଅତିଥିମାନେ ମଞ୍ଚ ଉପରୁ ଓହ୍ଲାଇବା ମାତ୍ରେ ଉପସ୍ଥିତ ଶୋତୃମଣ୍ଡଳୀ ତାଙ୍କୁ ଘେରିଯାଇ ଏହା ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି କହି କ୍ଷମା ପ୍ରାର୍ଥନା କରିଲେ । ତାଙ୍କ ପରି ଜଣେ ଉଚ୍ଚକୋଟୀର ସୁବକ୍ତା ଭାଷଣ ଦେଉଥିବା ବେଳେ ସଭାପତି ତାଙ୍କୁ ଅଟକାଇ ଦେଇଥିବାରୁ ସମସ୍ତେ ସଭାପତିଙ୍କୁ ଭେଟି କ୍ଷୋଭ ପ୍ରକାଶ କରିଲେ । ସଭାପତି ଜଣଙ୍କ ମଧ ଏହି କଥାରେ ଘାବରେଇ ଯାଇ ନିଜକୁ ଅପଦସ୍ତ ମନେ କରିଲେ । ପରେପରେ କିନ୍ତୁ ପ୍ରକୃତ କଥାଟା ଜଣା ପଡିଥିଲା । ସଭାପତି ମହୋଦୟ ସମୀର ବାବୁଙ୍କ ଏକାନ୍ତରେ ଡାକି ଅନ୍ୟାନ୍ୟ ଅତିଥିମାନେ ତାଙ୍କୁ ସେତିକିରେ ଅଟକାଇବାକୁ ବାରମ୍ବାର ନିବେଦନ କରିଥିଲେ ବୋଲି ପ୍ରକାଶ କରିଲେ । କାରଣ ଅନ୍ୟାନ୍ୟ ବରିଷ୍ଠ ଅତିଥିମାନେ ଏହି ପ୍ରକାର ଭାଷଣ ପ୍ରଦାନ ନିକଟରେ ନିଜର ବକ୍ତବ୍ୟ ସେତେଟା ଉଚ୍ଚକୋଟୀର ଦେଇପାରିବେ ନାହିଁ ବୋଲି ଅନୁଭବ କରି ସଭାରେ ଅପଦସ୍ତ ହେବା ଆଗରୁ ସମୀର ବାବୁଙ୍କ ଅଟକାଇ ଦେବାକୁ ସଭାପତିଙ୍କୁ ଅନୁରୋଧ କରିଥିଲେ । ସମୀର ବାବୁଙ୍କୁ ଦଶ ମିନିଟ ଭାଷଣ ପ୍ରଦାନ କରିବାକୁ ଦେଇଥିବା ସଭାପତି ମହୋଦୟ ଅନ୍ୟ ଅତିଥିମାନଙ୍କୁ ଅଧଘଣ୍ଟାଏ ଲେଖାଏଁ ଭାଷଣ ଦେବାକୁ ସମୟ ଦେଇଥିଲେ ମଧ କେବେବି ସେତିକିରେ ଅଟକି ଯିବାକୁ କହି ନଥିବା ଜଣାଇ ସଭାପତିଙ୍କ ଆଗରେ ନିଜର କ୍ଷୋଭ ପ୍ରକାଶ କରିଲେ । ମାତ୍ର ଶ୍ରୋତାମଣ୍ଡଳୀମାନେ ସମୀର ବାବୁଙ୍କ ଏହି ଦଶ ମିନିଟ ଭାଷଣର ଭୂରିଭୂରି ପ୍ରଶଂସା କରିବା ସହିତ ବରିଷ୍ଠ ନାଗରିକମାନଙ୍କର ମାସିକ ବୈଠକରେ ଉପସ୍ଥିତ ରହି ବିଭିନ୍ନ ବିଷୟରେ ବକ୍ତବ୍ୟ ପ୍ରଦାନ କରିବାକୁ ଅନୁରୋଧ କରିବା ସହିତ ସେମାନଙ୍କ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଅତିଥି ଭାବେ ନିମନ୍ତ୍ରିତ କରିବାକୁ ପ୍ରସ୍ତାବ ଦେଲେ । ସମୀର ବାବୁ ମଧ ହସିହସି ସବୁ ପ୍ରସ୍ତାବକୁ ଗ୍ରହଣ କରିବା ସହିତ ଆଜି ସେ ଆଉ ଟିକିଏ କହିଥିଲେ ନିଜର ଅଭିଭାଷଣକୁ ପୂର୍ଣ୍ଣାଙ୍ଗ କରିପାରିଥାନ୍ତେ ବୋଲି କହିଥିଲେ । ଉପକ୍ରମରୁ ବର୍ଣ୍ଣନା ଯାଏ ସେ ଯାଇଛନ୍ତି କି ନାହିଁ ତାଙ୍କୁ ଅଟକାଇ ଦିଆଯାଇଥିବାରୁ ସେ ଦୁଃଖ ପ୍ରକାଶ କରିବା ସହିତ ଉପସଂହାର ଯାଏ ନ ଯାଇପାରିଥିବାରୁ ନିଜ ଆତ୍ମାକୁ ଶାନ୍ତି ଦେଇପାରୁନଥିଲେ । ଶେଷରେ ସାମୁହିକ ଭୋଜନ ପରେପରେ ଅତିଥିମାନଙ୍କ ବିଦାୟ ପର୍ବ ଆରମ୍ଭ ହୋଇଥିଲା । ସମସ୍ତ ଅତିଥିମାନଙ୍କ ବିଦାୟ ପରେ ସମୀର ବାବୁ ଓ ଅନାଦି ବାବୁଙ୍କ ସହିତ ଗାଡ଼ିରେ ଫେରିବା ସମୟରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ତାଙ୍କୁ ଯେଉଁପ୍ରକାର ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ ତାହା ତାଙ୍କ ମନର ସମସ୍ତ ଦୁଃଖକୁ ଧୋଇଦେଇଥିଲା । ବରିଷ୍ଠମାନେ ଯେ ତାଙ୍କ ପରି ଜଣେ କନିଷ୍ଠଙ୍କୁ ଏତେଟା ଆଦର କରିବେ ତାହା ତାଙ୍କର ପରିକଳ୍ପନାର ବାହାରେ ଥିଲା । ଅନାଦି ବାବୁ ମଧ ଫେରିବା ବାଟରେ ସମୀର ବାବୁଙ୍କ ଅପଦସ୍ତ ବାବଦରେ ଦୁଃଖ ପ୍ରକାଶ କରି କ୍ଷମା ପ୍ରାର୍ଥନା କରିଥିଲେ ।

କବର୍ଷକ ପରେ ଏବେ ଆସୁଛି ନୂଆବର୍ଷ । ପୁଣି ତାଙ୍କୁ ଏବର୍ଷର ସଭାକୁ ସମ୍ବର୍ଦ୍ଧନା ଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରାଯାଇଛି । ସେ ସେହି ସଭାକୁ ପୁଣି ଯିବେ କି ନାହିଁ ବାରମ୍ବାର ଭାବୁଛନ୍ତି । ତାଙ୍କର ମନେପଡି ଯାଉଛି ଧର୍ମପଦ , ବେଲାଳସେନ , ଜାରା ଶବର , ଅଭିମନ୍ୟୁମାନଙ୍କର କଥା । ବଡ଼ମାନେ ନିଜର ଅହମିକାକୁ ସାବ୍ୟସ୍ତ କରିବାକୁ ଯାଇ କିଭଳି ଭାବରେ ଏହି ପ୍ରଚଣ୍ଡ ପ୍ରତିଭାଧାରୀମାନଙ୍କୁ ବ୍ୟବହାର କରିଥିଲେ ସେହି କଥା ଭାବି ତାଙ୍କ ଦେହ ଶୀତେଇ ଉଠୁଥିଲା । ସେ ଭାବୁଥିଲେ ଆଉ ଭାବୁଥିଲେ । ଆଖି ଆଗରେ ନାଚି ଯାଉଥିଲା ବିଗତ ବର୍ଷରେ ସେ ସଭାରେ ପାଇଥିବା ଘୋର ଅପମାନ । ପୁଣି ସେହି ସଭାକୁ ଯିବାକୁ ତାଙ୍କର ଆତ୍ମା ସ୍ୱୀକାର କରୁନଥିଲା । ହଠାତ ତାଙ୍କ ନିକଟରେ ଏକ କାରରେ ପହଞ୍ଚିଥିଲେ ଚାରିପାଞ୍ଚଜଣ ବରିଷ୍ଠ ନାଗରିକ । ସେମାନେ ସମୀର ବାବୁଙ୍କୁ ସମ୍ବର୍ଦ୍ଧନା ଗ୍ରହଣ କରିବା ପାଇଁ ନିଶ୍ଚୟ ଯିବାକୁ ଅନୁରୋଧ କରୁଥିଲେ । ସମୀର ବାବୁଙ୍କ ପ୍ରଶ୍ନବାଚୀ ଦୃଷ୍ଟି ସେମାନଙ୍କୁ ସନ୍ତୁଷ୍ଟ କରିପାରିନଥିଲା । ସେମାନେ ଗତବର୍ଷର ଅପମାନକୁ ଭୁଲିଯାଇ ସେମାନଙ୍କ ଅନୁରୋଧ ରକ୍ଷାକରି ସଭାରେ ଉପସ୍ଥିତ ରହିବାକୁ ନିବେଦନ କରୁଥିଲେ । ଗତବର୍ଷର ଅକ୍ଷମଣୀୟ ଅପରାଧର ତ୍ରୁଟିମାର୍ଜ୍ଜନା ନିମନ୍ତେ ସେମାନେ ପ୍ରାୟଶ୍ଚିତ କରିବା ସ୍ୱରୂପ ତାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରଣ କରି ସମ୍ବର୍ଦ୍ଧନା ଦେବାକୁ ବ୍ୟବସ୍ଥା କରି ତାଙ୍କ ପାଖକୁ ଆସିଛନ୍ତି ବୋଲି ଜଣାଇଥିଲେ । ସମୀର ବାବୁ କ'ଣ କହିବେ କିଛି ଚିନ୍ତା କରିପାରୁନଥିଲେ । ତେବେ ବରିଷ୍ଠମାନଙ୍କର ଏହି ପ୍ରକାର ଆଗ୍ରହ ଓ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିବାର ସାହସ ମନ ମଧ୍ୟରେ ଜୁଟାଇ ନପାରି ସେ ନିଶ୍ଚୟ ଉତ୍ସବକୁ ଯିବାକୁ ସମ୍ମତି ବାଢିଥିଲେ। ବରିଷ୍ଠ ନାଗରିକମାନେ କାରରେ ବସି ଫେରୁଥିଲେ ସ୍ୱସ୍ଥାନ ଅଭିମୁଖେ । ସମୀର ବାବୁ ଚାହିଁଥିଲେ ସେହି ଦିଗକୁ । ସେମାନଙ୍କ କାର ଆଖି ଆଗରୁ ଯେତିକି ଯେତିକି ଦୂରେଇ ଯାଉଥିଲା ସମୀର ବାବୁଙ୍କ ମନରେ ଗତବର୍ଷର ଘଟଣା ସେତିକି ସେତିକି ପାଖେଇ ପାଖେଇ ଆସୁଥିଲା । ସେ ପୁଣି ସେଦିନର ଘଟଣା ଭିତରକୁ ଧୀରେ ଧୀରେ ପଶିପଶି ଯାଉଥିଲେ । ଘଣ୍ଟାର କଣ୍ଟାଗୁଡିକ କିନ୍ତୁ ପଛକୁ ପଛକୁ ନ ଘୁରି ଆଗକୁ ଆଗକୁ ଧୀରେ ଧୀରେ ଅଗ୍ରସର ହେଉଥିଲେ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩



# ମୋ ଓଡ଼ିଶା

## ମାନବସେବାରେ ଆକାଶବାଣୀ




ସଂବାଦ ପରିବେଷଣ ଏବଂ ଆହରଣ ନିମନ୍ତେ ତିନୋଟି ଗଣମାଧ୍ୟମ ଅଛି। ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ। ଏବେକୁ ଇଲେକ୍ଟ୍ରୋନିକ୍ସ ମାଧ୍ୟମ ତତ୍‌କ୍ଷଣାତ୍ କାର୍ଯ୍ୟ କରୁଛି। ସଂପ୍ରତି ଏବେକୁ ଇଲୋଟ୍ରୋନିକ୍ ମାଧ୍ୟ ମଧ୍ୟ ତତ୍‌କ୍ଷାଣିକ କାର୍ଯ୍ୟ କରୁଛି। ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ-ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ତା' ତଳକୁ ଅଛନ୍ତି ପତ୍ର ପତ୍ରିକା ଇତ୍ୟାଦି। ତେବେ ଏକଥା ନିଶ୍ଚୟ କହିବୁ ଯେ ତୁରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମ ନିମନେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବଓମ।



ରେଡ଼ିଓ ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ଅନ୍ୟତମ। ଏହା ମଣିଷର ସ୍ୱରକୁ ଦୂରକୁ ବିନା ତାରରେ ଆକାଶର ମାଧ୍ୟମରେ ପଠାଇଥାଏ। ଏହା କୌଣସି ସ୍ଥାନରୁ ବାର୍ତ୍ତାକୁ ପୃଥିବୀର ଯେ କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ମିନିଟ୍ ସମୟ ନିଏ।

ରେଡ଼ିଓ ଉଦ୍‌ଭାବନକୁ ହେଉଛନ୍ତି ମାର୍କୋନିଡେସ୍ ତାଙ୍କର ଉଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି। ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଉଡ଼ାଜାହଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ କି ଆପଦବେଳେ ସହାୟତା କ୍ଷେତ୍ରରେ, ରେଳ ଚଳାଚଳ ତଥା ବ୍ୟକ୍ତିଗତ ବା ସାମୁହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ। ଏହା ଏକ ବିଦ୍ୟୁତ୍ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ କାର୍ଯ୍ୟକ୍ଷମ ହେତୁ ଏହା ଦୂରଦର୍ଶନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ।

ଦୂରଦର୍ଶନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା : ସଂବାଦ, ବିଉବିନୋଦନ ବ୍ୟବସ୍ଥାରେ ନାଟକ ସଚରୀତ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପାଣିପାଗ, ବାତ୍ୟା, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ। ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଦୂରଦର୍ଶନ ଛବିକୁ ବାଦଦେଲେ ବାକିସବୁ ପାଇଥାଉ। ଏତିକି କହିଲେ ଠିକ୍ ହେବ ଯେ ଦୂରଦର୍ଶନରେ ଆମେ ପୂର୍ଣ୍ଣ ସ୍ୱାଦପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ। ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଇଠି ହେଲା ବ୍ୟତିକ୍ରମ। ମାତ୍ର ସେ ପୂର୍ଣ୍ଣସ୍ୱାଦ ଦିଏ ଆକାଶବାଣୀ।

ଆକଶବାଣୀ ହିଁ ଗରିବ ଲୋକର ସାଥୀ। ମାତ୍ର ଘରେ ବା ପାଖରେ ଟ୍ରାଞ୍ଜେଷ୍ଟର ସେଟଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏହା ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର, ରେଡ଼ିଓରେ ଏକ ସ୍ଥାନିକ ବ୍ୟବସ୍ଥା ଅଛି। ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପ୍ରେରଣ ପାଇଁ ଉଚ୍ଚଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି। ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି। ବିଭିନ୍ନ ଦେଶରେ ଏହାର ନାମ କରଣ ଭିନ୍ନଭିନ୍ନ। ଭାରତରେ ଏହାକୁ ଅଲ-ଇଣ୍ଡିଆ -ରେଡ଼ିଓ ବା' ଆକାଶବାଣୀ ଭାରତ କହିଲାବେଳେ, ପାକିସ୍ତାନରେ ଏହାର ନାମ, ରେଡ଼ିଓ ପାକିସ୍ଥାନ ଏବଂ ଗ୍ରେଟ୍ ବ୍ରିଟେନ୍‌ରେ କୁହନ୍ତି ବି.ବି.ସି. ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ୍ କର୍ପୋରେସନ।

ଦୁଃଖ ଯେ ଦୂରଦର୍ଶନ ଆବିଷ୍କାର ଫଳରେ ଏବେ ରେଡ଼ିଓ ପ୍ରତି ଆନ୍ତରିକ ଆଗ୍ରହ ନାହିଁ। ବଜାରରେ ବିକ୍ରିପାଇଁ ଟିଭିର କାଟତି ଅଛି। ରେଡ଼ିଓ ଦୋକାନ ବନ୍ଦ। ତେବେ ସମୟ ଆସୁଛି, ଯେତେବେଳେ ଟି.ଭି.କୁ ଲୋକେ ପଚାରିବେ ନାହିଁ। ସେତେବେଳେ ରେଡ଼ିଓ ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ। ମୋବାଇଲ ବା ପକେଟ ରେଡ଼ିଓଟି ଦୃଶ୍ୟ-ଶ୍ରାବ୍ୟ ପାଲଟି ଯାଇଥିବ।

ଏଣୁ ଏହା ସତ୍ୟ ବୋଲି ଅନୁମିତ ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ବୋଲି ବିଚାର କରାଯାଇପାରିବ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩୮**

## ଗୁଳନଗରରେ ମା ଶାରଳାଙ୍କ ଷୋଡଶ ବାର୍ଷିକ ମହୋତ୍ସବ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଳନଗର ଗ୍ରାମରେ ଗୁରୁବାର ବୁଢା ଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ମା' ଶାରଳାଙ୍କ ଷୋଡଷ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜଗତସିଂହପୁର ଜିଲ୍ଲାର ଝଙ୍କଡସ୍ଥିତ ଶାରଳା ମନ୍ଦିରରୁ ଗ୍ରାମବାସୀଙ୍କ ପକ୍ଷରୁ ଦେବାଶିଷ କୁବେର ଆଜ୍ଞାମାଳ ଆଣିଥିଲେ। ମାନସୀକଧାରୀମାନେ ଗୋବରୀ ନଦୀଘାଟରୁ ଘଟ ସ୍ଥାପନ ନିମନ୍ତେ କଳସରେ ପାଣି ଆଣିଥିଲେ। ରୀତିନୀତି ଅନୁଯାୟୀ ପୁଜାନୀତି ସମ୍ପର୍ଣ୍ଣ ହୋଇଥିଲା । ମହୋତ୍ସବ ଉପଲକ୍ଷେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୁଳନଗର ପଞ୍ଚାୟତବାସୀ ସହଯୋଗ କରିବା ସହ ମା' ଶାରଳାଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ । ସମସ୍ତ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁପାଳନ ପୂର୍ବକ ଅନୁଷ୍ଠିତ ହୋଇଥିଲା ।

## ନୂତନ କ୍ଲିନିକ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ଫୁଲନଖରା-ନିଆଳି ୬୦ନମ୍ବର ରାଜ୍ୟ ରାଜପଥ ନଖରାଠାରେ 'ମେଡ଼ିନେକ୍ସଟ ହେଲ୍‌ଥକେୟାର' ନାମରେ ଏକ ନୂତନ କ୍ଲିନିକ ଆରମ୍ଭ ହୋଇଛି। ଡାକ୍ତର ବିଘ୍ନେଶ୍ୱର ଶତପଥି, ଉଷା ଶତପଥି ଓ ଲିଜାଲୀନା ଶତପଥି ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାଶଙ୍କର ଷଡ଼ଙ୍ଗୀ, ଯଜ୍ଞେଶ୍ୱର ଶତପଥି, ଚତୁର୍ଭୁଜ ମଲିକ, ଅଜୟକୁମାର ସାହୁ, ପତିତପାବନ ନାଥ, ଅଶୋକନାରାୟଣ ହୋତା, ଡାକ୍ତର ଦେବୀପ୍ରସନ୍ନ ମହାଁ, ସରୋଜିନୀ ଷଡ଼ଙ୍ଗୀ, ବିଶ୍ୱରନ ଦାସ, ଅନିଲ ବିଷୋୟୀ, ସ୍ମୃତିରନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆପୋଲ ପାଥୋଲ୍ୟାବ ସମେତ ଦ' ଚିକିତ୍ସା, ସ୍ତ୍ରୀରୋଗ, ଶିଶୁ ରୋଗ, ହୃଦ ଚିକିତ୍ସା, ସ୍ନାୟୁ, ଭେଷଜ ଓ ଅସ୍ଥିଶଲ୍ୟ ଚିକିତ୍ସା ସୁବିଧା ଏଠାରେ ଉପଲବ୍ଧ ହେବ। ଏହି ଅବସରରେ ଗରୀବ ରୋଗୀଙ୍କୁ ରିହାତି ମୂଲ୍ୟରେ ଔଷଧ ଓ ଚିକିତ୍ସା ସୁବିଧା ଯୋଗାଇଦିଆଯିବ ବୋଲି ଅନୁଷ୍ଠାନର ସ୍ୱତ୍ତ୍ୱାଧିକାରୀ ଜଣାଇଛନ୍ତି।

## ଭାରତର କୋକିଳ : ସରୋଜିନୀ ନାଇଡୁ



"ମହିଳାମାନେ ପୁରୁଷମାନଙ୍କର ଆଉ ହାତ ହରିଆର ବା ଖେଳନା କଣ୍ଢେଇ ନୁହଁନ୍ତି। ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାର ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜି ପର୍ଯ୍ୟନ୍ତ ଦିଆଯାଇ ଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ରହନ୍ତୁ - ଏହା କଥା ଆମେ ଚାହୁଁ ଚାହୁଁ। ମହିଳାମାନେ ଅନେକ ଆଇନ କ୍ଷେତ୍ରରେ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି ଏବଂ ତଦ୍‌ଜନିତ ଅନେକ କଷ୍ଟ ଭୋଗ କରୁଛନ୍ତି। ଆଜି ଆମ୍ଭେମାନେ ଦେଶରନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ସହିତ 'ପୂର୍ଣ୍ଣ ସହଯୋଗକରି କାର୍ଯ୍ୟ କରିବାପାଇଁ ଲୋଡୁ। ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁ ନାହୁଁ।"

୧୯୩୫ ମାର୍ଚ୍ଚ ୨ତାରିଖରେ ନୂଆ ଦିଲ୍ଲୀରେ ଓଜସ୍ୱିନୀ ଭାଷଣ ଯାହାର ଥିଲା ସେ ହେଉଛନ୍ତି ସେରୋଜିନୀ ନାଇଡୁ, ଯିଏ ଜଣେ ବିଶ୍ୱ କବି ତଥା ରାଜନୀତିଜ୍ଞ ଓ ଦେଶର ପ୍ରଥମ ମହିଳା ରାଜ୍ୟପାଳ। ଏହି ସରଳ ନିଷ୍କପଟ ନେତ୍ରୀଙ୍କ ଜନ୍ମ ହୋଇଥିଲା, ୧୮୭୯ ମହିହା ଫେବୃୟାରୀ ୧୩ତାରିଖରେ, ହାଇଦରାବାଦ୍‌ରେ। ତାଙ୍କୁ ଭାରତର ନାଇଟିଙ୍ଗଲ ବା କୋକିଳ ଉପାଧିରେ ଭୂଷିତ କରାଯାଇଥିଲା। ସେ ମଧ୍ୟ ଭାରତର ଜାତୀୟ କଂଗ୍ରେସର ପ୍ରଥମ ମହିଳା ଅଧ୍ୟକ୍ଷ ଥିଲେ। ସେ ଉର୍ଦ୍ଦୁ, ତେଲୁଗୁ, ଇଂରାଜୀ, ପାର୍ଶି ଓ ବଙ୍ଗଳା ଭାଷାରେ ଦକ୍ଷତା ହାସଲ କରିଥିଲେ।

୧୯୧୫ରୁ ୧୯୧୮ ପର୍ଯ୍ୟନ୍ତ ସେ ଯୁବଶକ୍ତିକୁ ଜାଗ୍ରତ କରାଇବା ସହ ମହିଳା ସଶକ୍ତିକରଣ ଉପରେ ସମଗ୍ର ଦେଶବୁଲି ବକ୍ତୃତା ଦେଇଥିଲେ। ୧୯୧୬ରେ ଜବାହାର ନେହେରୁଭ୍‌କ ସଂପର୍କରେ ଆସିବାପରେ, ଚମ୍ପାରନ୍ ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୨୫ରେ କଂଗ୍ରେସର ଅଧ୍ୟକ୍ଷଭାବେ ନିର୍ବାଚିତ ହେଲେ। ୧୯୧୯ ଜୁଲାଇରେ ନାଇଡୁ ହୋମରୁଲ ଲିଗ୍‌ର ଇଂଲଣ୍ଡ ଦୂତଭାବେ ଅବସ୍ଥାପିତ ହେଲେ। ୧୯୨୦ରେ ଭାରତ ଫେରିଲେ ଓ ଅଗଷ୍ଟ ୧ରେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା। ୧୯୩୦ ଜାନୁୟାରୀ ୨୬ରେ ମହାତ୍ମାଗାନ୍ଧୀ ଗିରଫ ହେବାର କିଛି ସମୟ ପରେ ସରୋଜିନୀ ନାଇଡୁଙ୍କୁ ମଧ୍ୟ ଗିରଫ କରାଗଲା ଓ ତାଙ୍କୁ ୧୯୩୧ ଜାନୁୟାରୀ ୩୧ପର୍ଯ୍ୟନ୍ତ ଜେଲରେ ରହିବାକୁ ପଡ଼ିଥିଲା। ଭାରତ ସ୍ୱାଧୀନ ହେବାପରେ ସରୋଜିନୀ ଉତ୍ତର ପ୍ରଦେଶ ତଥା ଭାରତର ପ୍ରଥମ ମହିଳା ରାଜ୍ୟପାଳ ହେଲେ ଏବଂ କର୍ତ୍ତବ୍ୟରେ ଥାଇ ୧୯୪୯ରେ ତାଙ୍କର ଦେହାନ୍ତ ହେଲା।

ସରୋଜିନୀ ନାଇଡୁ କେବଳ ଜଣେ ରାଜନୀତିଜ୍ଞ ନଥିଲେ; ସେ ଥିଲେ ଜଣେ ବିଶ୍ୱକବି। ଇଂରାଜୀ କବିତାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କର ଇଂରାଜୀ କବିତା ଗ୍ରନ୍ଥ 'ଦି ଗୋଲଡେନ୍ ଥ୍ରେସ୍ ହୋଲଡ଼୍ (୧୯୦୫)' , 'ଦିନ ବାର୍ଡ଼ ଅଫ୍ ଟ୍ୟୁନ୍ (୧୯୧୨)' ଏବଂ 'ବ୍ରୋକୋନ ଉଇଙ୍ଗ' (୧୯୧୭) ଇତ୍ୟାଦି ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ। ଏହା ବ୍ୟତୀତ ଆଉକିଛି : 'ଇଣ୍ଡିୟାନ୍ ଡ୍ୟାନସରସ୍', 'ଦି ଇଣ୍ଡିଆନ୍ ଜିପ୍‌ସି', 'ଦି କୁଇନସ୍ ରାଇଭାଲ', 'ନାଇଟ୍ ଫଲ ଇନ୍ ଦି ସିଟ ଅଫ୍ ହାଇଦରାବାଦ୍', 'ଟୁ ଇଣ୍ଡିଆ' ଏବଂ 'ଗୁରେଦାନ' କବିତାଗୁଡ଼ିକ ବିଶେଷତ୍ୱ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଲେଖାଗୁଡ଼ିକ ଇଂରାଜୀ ଭାଷାରେ ହେଲେହେଁ, ମୁଖ୍ୟତଃ ଏଗୁଡ଼ିକର ବିଷୟବସ୍ତୁ ଏବଂ ବାସ୍ତବତା ତଥା କଳ୍ପନା ବିନ୍ୟାସରେ ଭାରତୀୟ। ତାଙ୍କର ସୃଷ୍ଟି ଅନନ୍ୟ। ସେ ଭାରତ ମାଟିର ଜଣେ ମହିୟସୀ ମହିଳା। ଏହାହିଁ ସ୍ୱୀକାର୍ଯ୍ୟ...।

## ନବୀକୃତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଉଦ୍‌ଘାଟିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ମନୋଜ ମଂଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ସିଦ୍ଧମଠ ସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଶ୍ରେଣୀ ଗୃହ ଜେ.ଏସ୍.ଡବ୍ଲୁ. ଷ୍ଟିଲ ଲିଃ ବଡବିଲ ସହାୟତାରେ ନବୀକୃତ କରାଯାଇଛି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ନବୀକୃତ ବିଦ୍ୟାଳୟକୁ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଉଦ୍‌ଘାଟନ କରିଛନ୍ତି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସାରା ଦେଶ 'ଆଜାଦ କୀ ଅମୃତ ମହୋତ୍ସବ' ପାଳନ କରିଥିବାବେଳେ ସିଏସ୍‌ଆର କାର୍ଯ୍ୟକ୍ରମରେ ଏହି ମହନୀୟ କାମ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ସମାଜରେ ପ୍ରତିଷ୍ଠା ଲାଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜେ.ଏସ୍,ଡବ୍ଲୁ (ମାଇନ୍ସ ଅପରେସନ) ଉପସଭାପତି ବିଶ୍ୱରଂଜନ ପାଢୀ ଯୋଗଦେଇ ୭୫ତମ ପୂର୍ତ୍ତୀ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହିତ ସ୍ୱାଧିନତା ଆଣିବା ପାଇଁ ଯେଉଁ ବୀରପୁତ୍ରମାନେ କଠିନ ପରିଶ୍ରମ କରିଥିଲେ, ସେମାନଙ୍କ ସ୍ମୃତିଚାରଣ କରିଥିଲେ। ମନୋଜ ମଂଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ନବୀକରଣରେ ଜେ.ଏସ.ଡବ୍ଲୁ. ସହଯୋଗର ହାତ ବଢାଇଥିବାରୁ ଉପସ୍ଥିତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ବା ୟୁଡିଆଇଡି ସାର୍ଟିଫିକେଟ ଅନଲାଇନରେ ଅଗଷ୍ଟ ମାସ ଶେଷ ସୁଦ୍ଧା କରିବାକୁ କହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜେ.ଏସ.ଡବ୍ଲୁ. ଷ୍ଟିଲ ଲିଃ କର୍ପୋରେଟ କମ୍ୟୁନିକେସନ ଜିଏମ ବିଶ୍ୱରାଜ ଦଳଗଡେ, ସିଏସ୍‌ଆର ହେଡ୍ କେଦାର ନାଥ ଶର୍ମା, ସିଏସ୍‌ଆର ଡେପୁଟି ମ୍ୟାନେଜର ପାର୍ଥସାରଥି ବେଉରିଆ, ସିନିୟର ମ୍ୟାନେଜର ଯୁଗଳ କିଶୋର ବାରିକ, ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ବାରଡାଙ୍ଗ ପଞ୍ଚାୟତରେ ସରକାରୀ ଅର୍ଥ ତୋଷରପାତର ଉଚ୍ଚସ୍ତରୀୟ ତଦନ୍ତ ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ଗ୍ରାମପଞ୍ଚାୟତରେ ଗତ ୨୦୧୨-୧୩ ଠାରୁ ୨୦୧୭-୧୮ମସିହା ପର୍ଯ୍ୟନ୍ତ ହୋଇଥିବା ସରକାରୀ ଅର୍ଥ ତୋଷରପାତ ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରାଯାଇଛି। ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି ସୂଚନା ଅଧିକାର ଆଇନ ବଳରେ ଯାଜପୁରସ୍ଥିତ ଲୋକାଲ ଫଣ୍ଡ ଅଡିଟ୍ କାର୍ଯ୍ୟାଳୟରୁ ପାଇଥିବା ତଥ୍ୟ ଅନୁଯାୟୀ ବାରଡାଙ୍ଗ ଗ୍ରାମପଞ୍ଚାୟତରେ ହୋଇଥିବା ସରକାରୀ ଅର୍ଥ ତୋଷରପାତ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ସହ ସେଥିପାଇଁ ଦାୟୀ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ରାପଡା ଜିଲ୍ଲାପାଳ, ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଏଥିସହିତ ଏହି ଘଟଣାର ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରାଯିବାକୁ ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାଇ ଲୋକାଲ ଫଣ୍ଡ ଅଡିଟ୍ ଦ୍ୱାରା ବାରଡାଙ୍ଗ ଗ୍ରାମପଞ୍ଚାୟତର ଅଡିଟ୍ କରାଯାଇ ୨୦୧୨-୧୩ ଆର୍ଥିକ ବର୍ଷରେ ୫୨ହଜାର ୨୨୩ଟଙ୍କା ସରକାରୀ ଅର୍ଥର ପରିଚାଳନାଗତ ତୃଟି ଓ ତୋଷରପାତ କାରଣରୁ ସରପଞ୍ଚ ଅରବିନ୍ଦ ଜେନା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜକିଶୋର ମାହାଳିଙ୍କ ଠାରୁ ଆଦାୟ କରାଯିବାକୁ ଗତ ୩୧.୦୫.୨୦୧୫ରିଖରେ ଉଭୟଙ୍କୁ କାରଣ ଦର୍ଶାଅ ନୋଟିସ ଲୋକାଲ ଫଣ୍ଡ ଅଡିଟ୍ ପକ୍ଷରୁ ଜାରି କରାଯାଇଛି। ୨୦୧୩-୧୪ ଆର୍ଥିକ ବର୍ଷର ଅଡିଟ ରିପୋର୍ଟରେ ୪ଲକ୍ଷ ୨୮ହଜାର ୫୫୪ଟଙ୍କା, ୨୦୧୪-୧୫ରେ ୫ହଜାର ଟଙ୍କା, ୨୦୧୫-୧୬ରେ ଏକଲକ୍ଷ ୩ହଜାର ୪ଶହ ଟଙ୍କା, ୨୦୧୬-୧୭ରେ ୭୬ହଜାର ୮୧୨ଟଙ୍କା ଏବଂ ୨୦୧୭-୧୮ ଆର୍ଥିକ ବର୍ଷରେ ୩ଲକ୍ଷ ୧୧ହଜାର ୭୮୫ଟଙ୍କା ସେହି ପଞ୍ଚାୟତର ସରପଞ୍ଚ ଶ୍ରୀ ଜେନା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଠାରୁ ସରକାରୀ ଅର୍ଥର ପରିଚାଳନାଗତ ତୃଟି ଓ ତୋଷରପାତ କାରଣରୁ ଆଦାୟ କରାଯିବାକୁ ଧାରା ୯(୨)(ଖ) ଅନୁଯାୟୀ ନୋଟିସ ଜାରି କରାଯାଇଛି। ସେହିପରି ଧାରା ୯(୩) ଅନୁଯାୟୀ ସରଚ୍ଚାର୍ଜ ଅର୍ଡର ଓ ସ୍ୱଟ ଭେରିଫିକେସନ କରାଯିବାକୁ ଏବଂ ଲୋକାଲ ଫଣ୍ଡ ଅଡିଟ୍ ଆଇନ -୧୯୪୮ ଅନୁଯାୟୀ ୨୦୧୨-୧୩ ଆର୍ଥିକ ବର୍ଷ ଠାରୁ ୨୦୧୭-୧୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମୋଟ ୯ଲକ୍ଷ ୭୭ହଜାର ୭୭୪ଟଙ୍କା ସରଚ୍ଚାର୍ଜ ଅର୍ଥ ସରପଞ୍ଚ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଠାରୁ ଆଦାୟ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଲୋକାଲ ଫଣ୍ଡ ଅଡିଟ୍ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଛି। ତେଣୁ ଏଭଳି ତୋଷରପାତ ଘଟଣାରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କ୍ରୀଡ଼ା କ୍ଷେତ୍ରରେ ଏଆଇ ଟେକ୍ନୋଲୋଜି କ୍ରୀଡ଼ାବିତଙ୍କ ଦକ୍ଷତା ବଢାଇବ : ଧର୍ମେନ୍ଦ୍ର ପ୍ରଧାନ



କଟକ, (ପି.ଏନ): କ୍ରୀଡା କ୍ଷେତ୍ରରେ ଏଆଇ ଟେକ୍ନୋଲୋଜି କ୍ରୀଡାବିତଙ୍କ ଦକ୍ଷତା ବଢାଇବ । କ୍ରୀଡା ସହ ମିଶିଲେ ଏଆଇ ଖେଳର ଗୁଣବତ୍ତା ଆହୁରି ବୃଦ୍ଧି ପାଇବ ବୋଲି ଶନିବାର କଟକ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ କ୍ରୀଡା କ୍ଷେତ୍ରରେ ପ୍ରଦର୍ଶନ ଏବଂ ନିରାପତ୍ତା ଦିଗରେ ସାମଗ୍ରିକ ଆଭିମୁଖ୍ୟ ଉପରେ ଆୟୋଜିତ ତିନିଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ୨୦୨୩ (Holistic Approach Towards Performance And Safety In Sports 2023)ର ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟର ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସେ କହିଛନ୍ତି ଯେ କ୍ରୀଡାବିତ୍ ମାନଙ୍କର ଦକ୍ଷତା ବିକାଶ କ୍ଷେତ୍ରରେ ଏଆଇ ଟେକ୍ନୋଲୋଜି ବେଶ୍ ସହାୟକ ହୋଇପାରିବ । ଯେତେବେଳେ ଆମେ କୌଣସି ଏକ ଖେଳର ରୂପରେଖ ପ୍ରସ୍ତୁତ କରୁଛେ, ସେତେବେଳେ ଖେଳକୁ କିଭଳି ବିକଶିତ କଲେ, କେଉଁ ପ୍ରକାର ପଦ୍ଧତି ଆପଣାଇଲେ ଖେଳାଳିଙ୍କୁ ଲାଭ ଦେବ ଏଆଇ ତାହାକୁ ଭଲ ଭାବରେ ବିଶ୍ଳେଷଣ କରିପାରିବ । କ୍ରୀଡା ସହ ଏଆଇ ମିଶିଲେ ଖେଳର ଗୁଣବତ୍ତା ବୃଦ୍ଧି ପାଇବ । ଆଜି ଏହି ସେମିନାରରେ ପ୍ରଦର୍ଶିତ ଇନୋଭେସନରୁ ମିଲେଟରୁ ଯଦି ମୁଢି ତିଆରି ହେଉଛି, ଭିନ୍ନ ପଦ୍ଧତିରେ ଲିକ୍ୟୁଇଟି ଟି’ ପ୍ରସ୍ତୁତ ହୋଇପାରୁଛି, ଆପ ଜରିଆରେ ଗୁପଚୁପ ପାଣିର ପରୀକ୍ଷା ମାନ ବିଷୟରେ ଆମେ ଜାଣିପାରୁଛେ, ତେବେ ଏହା ମଧ୍ୟ ହେବା ସମ୍ଭବ ବୋଲି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆମ ସଭ୍ୟତାରେ ଖେଳର ପ୍ରାସଙ୍ଗିକତା ବହୁ ପୂର୍ବରୁ ରହିଆସିଛି । ଖେଳ ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଖେଳ ଏକ ମେଡାଲ ନୁହେଁ ବରଂ ସ୍ପିରିଚୁ୍ୟଆଲ ସହ ଯୋଡି ହୋଇଥିବା ବିଷୟ । ଫିଟ୍ ରହିବା ସହ ସୁସ୍ଥ ରହିବା ପାଇଁ ବୈଜ୍ଞାନିକ ଓ ମନସ୍ତତ୍ତ୍ୱବିତମାନେ ପରାମର୍ଶ ଦେଇଛନ୍ତି । ଶରୀର ଓ ମନ ଭଲ ରହିଲେ ସମାଜ ଭଲ ରହିବ । ଆଜିର ପ୍ରାୟ ସବୁ ଭଲ ଖେଳାଳି ଶିକ୍ଷାନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟରୁ ହିଁ ଆସୁଛନ୍ତି । ଏହାକୁ ଧ୍ୟାନରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦୀର୍ଘ ୩୪ ବର୍ଷ ପରେ ପ୍ରଣୀତ ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଖେଳ,ସୃଜନଶୀଳତା ଏବଂ ଶାରିରୀକ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇଛି । ସ୍କୁଲରେ ଶାରିରୀକ ଶିକ୍ଷା ଏବଂ ଖେଳକୁ ନିୟମିତ ପାଠପଢାର ଏକ ବିଷୟର ରୂପ ଦିଆଯାଇଛି । ବାଲବାଟିକାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଖେଳକୁ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ଭାବେ ନୁହଁ ବରଂ ବିଧିବଦ୍ଧ ଭାବେ ବିଷୟ ଭାବେ ନିଆଯାଇ ପଢାଯିବାର ବ୍ୟବସ୍ଥା ହୋଇଛି । ଖେଳ ଏବଂ ଯୋଗ ଅନୁଶାସନ, ଟିମ ୱାର୍କ ଏବଂ ଅଧ୍ୟବସାୟ ଭଳି ଆବଶ୍ୟକ ଜୀବନ କୌଶଳକୁ ମଧ୍ୟ ବିକଶିତ କରୁଛି ।

ଶ୍ରୀ ପ୍ରଧାନ କହିଛନ୍ତି ଆଗାମୀ ଦିନରେ ଜେଇଇ ମେନ୍ ଓ ଜେଇଇ ଆଡଭାନ୍ସ ପରୀକ୍ଷା ମାଧ୍ୟମରେ ଆଇଆଇଟିରେ ନାମ ଲେଖାଉଥିବା ପିଲା ମାନଙ୍କୁ ସ୍ପୋର୍ଟସ କୋଟାରେ ମଧ୍ୟ ଚୟନ କରାଯିବାର ଯୋଜନା ରହିଛି । ସେ କହିଛନ୍ତି ଯେ ଦେଶରେ ପ୍ରାୟ ୧୫ ଲକ୍ଷରୁ ଅଧିକ ପିଲା ଜେଇଇ ପରୀକ୍ଷା ଦିଅନ୍ତି । ୨.୫ ଲକ୍ଷ ପିଲାମାନେ ଜେଇଇ ଆଡଭାନ୍ସ ପରୀକ୍ଷା ଦିଅନ୍ତି । ସେମାନଙ୍କ ମଧ୍ୟରୁ ହାରାହାରି ଏକ ହଜାର ପିଲାମାନେ ଆଇଆଇଟିରେ ନାମ ଲେଖାଇବାର ସୁଯୋଗ ପାଆନ୍ତି । ତେବେ ଆଇଆଇଟି କାଉନସିଲ ଆଗାମୀ ଦିନରେ ଜେଇଇ ଆଡଭାନ୍ସ ଓ ଜେଇଇ ମେନ ପରୀକ୍ଷାରେ କିଛି ପିଲାଙ୍କୁ ସ୍ପୋର୍ଟସ କୋଟାରେ ଆଇଆଇଟିରେ ନାମ ଲେଖାଯିବାର ଯୋଜନା କରିଥିବା କହିଛନ୍ତି କେନ୍ଦ୍ରମନ୍ତ୍ରୀ । ତେବେ ଏଥିପାଇଁ ନ୍ୟୁନତମ ଶିକ୍ଷାଗତ ଯୋଗ୍ୟତାର ପ୍ରବନ୍ଧନ ରହିଛି ।

ଓଡ଼ିଶା ଖେଳର ଏକ ସ୍ୱାଭାବିକ ସ୍ଥାନ । ଆଥଲେଟିକ୍ସ, ହକି ଓ ମହିଳା ଫୁଟବଲରେ ଓଡ଼ିଶାର ବିଶେଷ ନାଁ ଅଛି । ୨୦୩୬ ଅଲିମ୍ପିକ୍ସରେ ଭାରତର ଖେଳାଳି ଅଧିକ ଗୌରବ ଅର୍ଜନ କରିବେ, ଏଥିପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିବା ଦରକାର । ଆଜି ଆୟୋଜିତ ସେମିନାର ସେ ଦିଗରେ ସହାୟକ ହେବ । ଏହି ଅବସରରେ ଶ୍ରୀ ପ୍ରଧାନ ଚାକିରି ନ ଖୋଜି ଚାକିରିଦାତା ହେବା ପାଇଁ ଆହ୍ୱାନ କରିଥିଲେ । ପାଠପଢା ଓ ଖେଳ ସହ କମ୍ପିଟାନ୍ସି ବା ଦକ୍ଷତା ବୃଦ୍ଧି କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି ସେମିନାର୍ ଆୟୋଜନ ପାଇଁ ଶ୍ରୀ ପ୍ରଧାନ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏବଂ ଫିଜିକାଲ୍ ଏଜୁ୍ୟକେସନ ଫାଉଣ୍ଡେସନ ଅଫ୍ ଇଣ୍ଡିଆ(ପିଇଏଫଆଇ) କୁ ଅଭିନନ୍ଦନ ଜଣାଇଛନ୍ତି । ଇଣ୍ଟରନ୍ୟାସନାଲ ଆସୋସିଏସନ ଅଫ୍ ଫିଜିକାଲ ଏଜୁ୍ୟକେସନ ଆଣ୍ଡ୍ ସ୍ପୋର୍ଟସ (ଆଇଏପିଇଏସ) ସମେତ ଆୟୋଜକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ ।

## କାଶ୍ମୀରୀ ସନ୍ଦିଗ୍ଧର ୫ ଦିନିଆ ରିମାଣ୍ଡ ଶେଷ, ଗଲା ବିଚାର ବିଭାଗୀୟ ଜେଲ୍‌କୁ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ନେଉଳପୁର ପଂଚାୟତ ମିଲତନଗରରୁ ଗିରଫ ସନ୍ଦିଗ୍ଧ ଯୁବକ ସୟଦ ଇଶାନ ବୁଖାରୀ ୫ ଦିନିଆ ରିମାଣ୍ଡରେ ଯାଇ ଆଜି ବିଚାର ବିଭାଗୀୟ ଜେଲକୁ ଯାଇଛି । ସୂଚନା ଯୋଗ୍ୟ ଯେ କାଶ୍ମୀର ଅଂଚଳର ଯୁବକ ଇଶାନ ବୁଖାରୀ ନିଜକୁ ଜଣେ ଡକ୍ତରର ପରିଚୟ ଦେଇ ମାଟ୍ରିମୋନିଆଲ ରେ ନେଉଳପୁର ଅଂଚଳର ସ୍ୱାମୀ ପରିତ୍ୟକ୍ତା ଯୁବତୀ ସେହେନାଜ ପରଭ୍ୱିନକୁ ୨୦୧୭ ମସିହାରେ ବିବାହ କରିଥିଲା । ପରଭ୍ୱିନ ସ୍ଥାନୀୟ ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରୁଥିବା ବେଳେ ନିଜର ୬ ବର୍ଷର ଝିଅ ସହିତ ମିଲତନଗରରେ ଏକ ଭଡା ଘରେ ରହୁଥିଲା । ସେଠାକୁ ବୁଖାରୀ ବର୍ଷ ୬ ମାସରେ ଆସି କିଛି ଦିନ ରହି ପୁଣି କେଉଁ ଆଡେ ପଳାଉଥିଲା । ତେବେ ବୁଖାରୀ ଦେଶର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପରିଚୟ ଦେଇ ଏକାଧିକ ବିବାହ କରିବା ସହିତ ଅନେକ ଜାଲିଆତିରେ ଲିପ୍ତ ରହିଥିଲା । ଏସଟିଏଫ ପୁଲିସ ଗତ ୧୪ ତାରିଖ ରାତିରେ ବୁଖାରିକୁ ମିଲତନଗରସ୍ଥିତ ତାର ଭଡା ଘରୁ ଉଠାଇ ନେଇଥିଲା । ବୁଖାରୀକୁ ଏସଟିଏଫ ଟିମ ପଚରା ଉଚରା କରିବା ପରେ ତାର ଆଇଏସଆଇ ଲିଙ୍କ ଥିବା ସନ୍ଦେହ କରିଥିଲା ଏବଂ ୧୬ ତାରିଖରେ ଚଣ୍ଡିଖୋଲ କୋର୍ଟରେ ତାକୁ ହାଜର କରିଥିଲା । ପରେ ଜାମିନ ନାମୁର ହେବାରୁ ତାକୁ ରଗଡିସ୍ଥିତ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା । ତେବେ ଘଟଣାର ଅଧିକ ଖୋଳତାଡ ପାଇଁ ଏସଟିଏଫ ପୋଲିସ ତାକୁ ରିମାଣ୍ଡରେ ନେବା ପାଇଁ ଗତ ୧୮ ତାରିଖରେ ୭ ଦିନିଆ ରିମାଣ୍ଡରେ ନେବା ପାଇଁ ଚଣ୍ଡିଖୋଲ କୋର୍ଟରେ ଆବେଦନ କରିଥିଲା । ବୁଖାରୀକୁ ୫ ଦିନିଆ ରିମାଣ୍ଡ ମୁର କରିବା ପରେ ୧୯ ତାରିଖରେ ଏସଟିଏଫ କ୍ରାଇମବ୍ରାଂଚ ପୋଲିସ ବୁଖାରୀକୁ ରଗଡି ଜେଲରୁ ନେଇ ପଚରା ଉଚରା କରିଥିଲା । ତେବେ ପଚରା ଉଚରାରେ ବୁଖାରୀର କୌଣସି ପାକିସ୍ତନ ଲିଙ୍କ ପାଇବାରେ ସମ୍ଭବପର ହୋଇନଥିବା ଜଣାଯାଇଛି । ଆଜି ରିମାଣ୍ଡ ଅବଧି ଶେଷ ହେଉଥିବାରୁ ସନ୍ଧ୍ୟାରେ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ହାଜର କରାଇବା ପରେ ତାକୁ ପୁଣି ରଗଡିସ୍ଥିତ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଛି । ତେବେ ତାକୁ ପରବର୍ତୀ ସମୟରେ ରିମାଣ୍ଡରେ ନିଆଯିବ କି ନାହିଁ ତାହା ଜଣାପଡି ନାହିଁ

## ସମନ୍ୱିତ ଯୁବ ବିକାଶ ଯୋଜନାରେ କ୍ରୀଡା ପ୍ରତିଯୋଗିତା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନାରେ ରବିବାର ଗଡମଧୁପୁର ଓ ବଡକାଏମା ଖେଳ ପଡିଆରେ କ୍ରିକେଟ ମ୍ୟାଚ, ଜେନାପୁର ହାଇସ୍କୁଲ ଖେଳ ପଡିଆରେ କବାଡି, ଫୁଟବଲ, ଖୋ ଖୋ ଓ ବାରକଣା ଖେଳପଡିଆରେ କବାଡି ଖେଳ ଅନୁଷ୍ଠିତ ହୋଇଯାଇଛି । ଗଡମଧୁପୁର ଖେଳ ପଡିଆରେ କ୍ରିକେଟ ଖେଳରେ ୧୬ଗୋଟି ଟିମ ଅଂଶ ଗ୍ରହଣ କରିଥିଲେ । ଆଜିର ଖେଳରେ ପୁରୁଣାବେଉଳମାଳ, ମହାବିର,ମଙ୍ଗଳା କ୍ରୀକେଟ ଟିମ, ଜେନାପୁର ହାଇସ୍କୁଲ କ୍ରିକେ ଟିମ, କଣିପାଟିଆ କ୍ରିକେଟ ଟିମ, ସ୍ୱପ୍ନେଶ୍ୱର କ୍ରିକେଟ ଟିମ, ସିଟି କ୍ରିକେଟ କ୍ଲବ, ଓ୍ୱାସିସି ବାଟି ଜଙ୍ଗା ଟିମ ବିଜୟୀ ହୋଇଛନ୍ତି । ଏହି ଖେଳକୁ କମଳେଶ ନାୟକ, ମୃତ୍ୟୁଞ୍ଜୟ ବରାଳ ଓ ତ୍ରିଲୋଚନ ବିଶ୍ୱାଳ ପରିଚାଳନା କରିଥିଲେ ।

### ଆସ ହେ ନୂଆ ବରଷ

*ଆଦ୍ୟାଶା ମହାପାତ୍ର*



ସକାଳ ସୁରୁଜ ବୁଣି ମୁରୁଜ
ଝରିପଡେ ମୋତି ହୀରା
ନବ ଉନ୍ମାଦନା ଜାଗିଛି ପରାଣେ
ହସେ ଆଜି ବସୁନ୍ଧରା,
ନବ ଉନ୍ମାଦନା ନେଇ
ନୂଆ ବରଷଟେ ଅଧିର ଆବେଗେ
ମରତେ ଆସିଛି ଧାଇଁ ॥
ଖୁସି ସତେ ଆଜି ବ୍ୟାପ୍ତ ହୋଇଅଛି
ଭୂମି ଠାରୁ ଭୂମା ଯାଏଁ
ବିଷାଦେ ବ୍ୟଥିତ ହୃଦତନ୍ତ୍ରୀ ଆଜି
ମଙ୍ଗଳ ସଙ୍ଗୀତ ଗାଏ
ନବ ପୁଲକିତ ପ୍ରାଣ
ଯୁଦ୍ଧ ବିଭୀଷିକା ନ ଦେଖିବ ଧରା
ଉଡିବ ସ୍ୱସ୍ତି କେତନ ॥
ପୃଥିବୀ ପୃଷ୍ଠକୁ ଆସ ନବବର୍ଷ
ପ୍ରୀତିର ପସରା ନେଇ
ଚଲାପଥ ଆମ ହେଉ କୁସୁମିତ
ଆତଙ୍କ ନଦେଖୁ ମହୀ
ଆନନ୍ଦ ଉଲ୍ଲାସ ମନେ
ଭାଇଚାରା ଭାବ ଉଦ୍‌ରେକ ହେଉ
ସମନ୍ୱିତ ସମ୍ପ୍ରୀତିନେ ॥
ସାମ୍ୟ ମୁକ୍ତି ମୈତ୍ରୀ ସମୃଦ୍ଧିର ମନ୍ତ୍ର ?
ଜଗତ କଲ୍ୟାଣ ହେଉ
ସତ୍ୟ ଶାନ୍ତି ପ୍ରେମ ଭକ୍ତିର ଭାବନା
ପ୍ରତି ମନେ ଖେଳିଯାଉ ,
ସବୁ ଓଠେ ଫୁଟୁ ହସ
ସୁପ୍ତ ଚେତନାକୁ ଜାଗରିତ କରି
ଆସ ହେ ନୂଆ ବରଷ ॥

*ନୂଆପଡା, କଟକ*

### ଅଭିଳାଷା ନୂଆବର୍ଷରେ

*ରତ୍ନକାନ୍ତି ମିଶ୍ର*



ଆଜି ହେଲେ ଘନିଷ୍ଠ ବନ୍ଧୁଙ୍କୁ
ପ୍ରତୀକ୍ଷା କରାଯାଉ
ଆତ୍ମୀୟତାର ସତ୍ତା ଖୋଜାଯାଉ
ତୁମେ ହତାଶାରେ ଭିଜୁଥିବା ବେଳେ
କାଳେ ସେ ପିନ୍ଧେଇଦେବ
ଭରସାର ନିର୍ମକଟିଏ
ଆଜିର ଖବରକାଗଜକୁ ନପଢି
ଫୋପଡା ଯାଉ
କାଳେ ଆସନ୍ତାକାଲିର ଖବରରେ
ଆଦୌ ଦୃଷ୍ଟିଗୋଚର ହେବନି
ହତ୍ୟା, ଧର୍ଷଣ,
ଚୋରି,ବଧୂ ନିର୍ଯାତନା
ଅବା ଦୁର୍ଘଟଣାର ଶିରୋନାମା ଟିଏ
ଧୂସର ଇଲାକାରେ
ହା ହୁତାଶରେ ବଞ୍ଚୁଥିବା
ବର୍ଣ୍ଣିଳ ସ୍ୱପ୍ନଟିଏ ଦେଖାଯାଉ
ଏତିକି ହିଁ ଆଶା ନେଇ
କାଳେ ଅଙ୍କୁରିତ ହେବ ସେଠି
ନୂତନ କିଶଳୟ ଟିଏ
ବିଛାଇ ହୋଇ ପଡିଥିବା
ଅସଜଡା ଶବ୍ଦ ସବୁକୁ
ସାଇତି ରଖାଯାଉ
କେଉଁ ନିରୋଳା ମୁହୂର୍ତ୍ତରେ
ଉତୁରି ଉଠିବ କାଳେ
ତାତ୍ତ୍ୱିକ କବିତା ଟିଏ ॥
ଦିନାନ୍ତ ସୂର୍ଯ୍ୟ କୁ
ବିଦାୟ ଦିଆଯାଉ
ନିର୍ବାକ ନିଶୀଥର ବନ୍ଧନ କାଟି
କାଳେ ଦିଗନ୍ତ ସେପଟୁ
ନୂଆ ସକାଳରେ ଉଇଁବ
ସ୍ୱର୍ଣ୍ଣିମ ସୂର୍ଯ୍ୟୋଦୟ ଟିଏ ॥

*ଆଳି, କେନ୍ଦ୍ରାପଡା*

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Sunday December 24, 2023 ଭୁବନେଶ୍ୱର ରବିବାର, ଡିସେମ୍ବର ୨୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମାଆ ଓ ଗୁରୁ ସର୍ବଦା ପ୍ରେରଣାର ଉତ୍ସ: ରାଜ୍ୟପାଳ ରଘୁବର ଦାସ



କଲରାବାଙ୍କ, (ପି.ଏନ)୨: ବିଶ୍ୱର ଯେତେସବୁ ମହାମାନବ ଓ ସାଧକ ରହିଆସିଛନ୍ତି ସେମାନଙ୍କ ପ୍ରେରଣାର ଉତ୍ସ ହେଉଛନ୍ତି ସୋମନଙ୍କ ମାଆ ଓ ଗୁରୁ। କଲରାବାଙ୍କ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ମାଆ ଓ ଗୁରୁଙ୍କ ପ୍ରେରଣା ଓ ଆଶୀର୍ବାଦ ବିନା ଆମ ଜୀବନରେ ସଫଳତା ମିଳିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ଜଣେ ପୁରୁଷ ପତ୍ନୀଙ୍କୁ ହରାଇବା ପରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥାନ୍ତି। କିନ୍ତୁ ଜଣେ ନାରୀ ବିଧବା ହେବା ପରେ ନିଜ ପିଲାଙ୍କୁ ମଣିଷ ନ କରିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିଥାନ୍ତି। ଏଭଳି ଜଣେ ମାଆ ହେଉଛନ୍ତି ନୀଳିମାରାଣୀ ସାମନ୍ତ। ସେ ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। ଭାରତୀୟ ସଂସ୍କୃତିରେ ନାରୀ ଶକ୍ତିକୁ ସର୍ବଦା ସମ୍ମାନ ପ୍ରଦାନ କରାଯାଇଆସୁଛି। ସେ ମାଆ ଦୁର୍ଗା, ମାଆ ସରସ୍ୱତୀ ଓ ମାଆ ଲକ୍ଷ୍ମୀ ଭାବେ ପୂଜା ପାଇ ଆସୁଛନ୍ତି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ସମସ୍ତଙ୍କ ଜୀବନରେ ସବୁ କ୍ଷେତ୍ରରେ ଶିକ୍ଷା ହେଉଛି ଗୁରୁତ୍ୱପୂର୍ଣ୍ଣ। ଧନୀ ହେଉ କି ଗରିବ ସ୍ୱଚ୍ଛଳ ହେଉ କି ଅବହେଳିତ ସମସ୍ତଙ୍କର ଶିକ୍ଷା ଜନ୍ମଗତ ଅଧିକାର ହେଉଛି ଏକ ସିଦ୍ଧାନ୍ତ ବୋଲି କିସ୍ ମାଧମରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସିଦ୍ଧ କରିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ଯୋଗାଣ ତଥା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ ଚୌବେ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ କହିଲେ, ୨୦୦୬ ମସିହାରେ ମୁଁ ଯେତେବେଳେ କଲରାବାଙ୍କ ଆଦର୍ଶ ଗ୍ରାମ ଉଦ୍‌ଘାଟନ ଅବସରରେ ଏଠାକୁ ଆସିଥିଲି ଏହି ଗ୍ରାମକୁ ଏକ ସ୍ମାର୍ଟ ଗ୍ରାମରେ ପରିଣତ କରିବା ପାଇଁ ଅଚ୍ୟୁତ ସାମନ୍ତଙ୍କୁ ପରାମର୍ଶ ଦେଇଥିଲି। ଆଜି ୧୮ ବର୍ଷ ପରେ ଏହି ଗ୍ରାମର ରୂପରେଖ ସମ୍ପୂର୍ଣ୍ଣ ବଦଳି ଯାଇଥିବା ଦେଖି ମୁଁ ଅଭିଭୂତ ହୋଇଛି ବୋଲି ସେ କହିଥିଲେ। ଏହି ଗ୍ରାମ ଏବେ ଶିକ୍ଷିତ, ସମ୍ପନ୍ନ ଓ ଅଗ୍ରଣୀ ଗ୍ରାମରେ ପରିଣତ ହୋଇଛି। କଟକ ସାଂସଦ ଭର୍ତୃହରି ମହତାବ କହିଲେ, ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସାଂସଦ ଆଦର୍ଶ ଗ୍ରାମ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏହାର ଯଥେଷ୍ଟ ପୂର୍ବରୁ ଅଚ୍ୟୁତ ସାମନ୍ତଙ୍କ ନିଜ ଗ୍ରାମ କଲରାବାଙ୍କକୁ ଆଦର୍ଶଗ୍ରାମରେ ପରିଣତ କରିପାରିଥିଲେ। ଗୋଟିଏ ଅନୁଷ୍ଠାନ ସଫଳତାର ସହ ଦୀର୍ଘ ୨୫ ବର୍ଷ ଅତିକ୍ରମ କରିବା ପଛରେ ଅନେକଙ୍କ ଉଦ୍ୟମ ରହିଥାଏ। ବାସ ପାଇଁ ଘରର ଆବଶ୍ୟକତା ନ ଥାଉ ପଛେ ଚିନ୍ତାଧାରା ମହତ ହେବା ଦରକାର। ଏହା ଅଚ୍ୟୁତ ସାମନ୍ତ ପ୍ରମାଣ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ସେ କେବେ ଗାଁକୁ ଭୁଲି ନାହାନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା, ଓଡ଼ିଶା ମଣ୍ଡଳ ମୁଖ୍ୟ ମହାଡାକପାଳ ଶୁଭେନ୍ଦୁ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଲରାବାଙ୍କ ଉଚ୍ଚ ବିଦ୍ୟାଳୟ ରୌପ୍ୟଜୟନ୍ତୀ ସ୍ମାରକୀ ସ୍ତମ୍ଭକୁ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ଏହା ସହ ଡାକ ବିଭାଗ ପକ୍ଷରୁ କଲରାବାଙ୍କ ଉଚ୍ଚ ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ସ୍ମାରକୀ ଡାକ ଲଫାପା ଓ ବିଦ୍ୟାଳୟର ସ୍ମରଣିକା 'କୃଷ୍ଣଚୂଡ଼ା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚେୟାରପର୍ସନ ଡ. ଇତିରାଣୀ ସାମନ୍ତ ସଭା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଯଚେନ୍ଦ୍ର ଲେଙ୍କା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗଣପତି ଶିଶୁ ବିଦ୍ୟା ମନ୍ଦିର ର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ପାରାଦୀପ,(ପି.ଏନ):ପାରାଦୀପ ର ବାଲିଝରା ନିକଟସ୍ଥ ଗଣପତି ଶିଶୁ ବିଦ୍ୟା ମନ୍ଦିର ର ୧୯ ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନ ବ୍ୟାପି ଅନୁଷ୍ଠିତ ଏହି କ୍ରୀଡା ଉତ୍ସବ ଗୁରୁବାର ଦିନ ଉଦଯାପିତ ହୋଇଯାଇଛି ।ଏହି ଅବସରରେ ଇଫକୋ ସାର କାରଖାନାର ଜେଜିଏମ କେ.ମୋହନ ରାଓ ମୁଖ୍ୟ ଅତିଥି ଏବଂ ଇଫକୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୫ ନମ୍ବର ୱାର୍ଡ ପାରିଷଦ ଶ୍ରୀମତୀ ସ୍ୱପ୍ନାରାଣୀ ଜେନା, ସମାଜସେବୀ ଭଗବାନ ପରିଡା, ପିପିଏଲ ସିଏସଆର ମୁଖ୍ୟ ସୌମ୍ୟଶ୍ରୀ ଓମ ପ୍ରକାଶ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଗୁରୁମା ଗୀତାଞ୍ଜଳି ତରାଇ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ରୀଡା କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ବିପ୍ଳବ ମହାନ୍ତି, ସୁଧାକର ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କା, ରୋଜାଲିନ ସାହୁ, କଲ୍ୟାଣୀ ସାହୁ,ପିଙ୍କିନା ଜେନା, ସ୍ନେହଲତା ଜେନା, ରୋଜାଲିନ ତରାଇ ଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ ।

## ଖପ୍ରାଖୋଲ ପୋଲିସ ର ଚ଼ଢାଉ

### ସାତ ଶିଶୁ ସହ ଆଠ ଦାଦନ ଶ୍ରମିକ ଉଦ୍ଧାର, ବେନକେରା ଗାଁର ୨୦ ଦାଦନ ଚ଼ାଲାଣ ବିଫଳ



ଖପ୍ରାଖୋଲ(ପିଏନ) ଖପ୍ରାଖୋଲ ଥାନା ପୋଲିସ ଚ଼ଢାଉ କରି ୭ଶିଶୁ ସମେତ ୮ଜଣ ଦାଦନ ଶ୍ରମିକ ଉଦ୍ଧାର କରିଥିବା ବେଳେ ଦାଦନ ଚ଼ାଲାଣ ଅଭିଯୋଗ ରେ ୩ ମଧ୍ୟସ୍ଥି ଙ୍କୁ ଶନିବାର କୋର୍ଟ ଚ଼ାଲାଣ କରିଥିବା ପୋଲିସ ସୂଚ଼ନା ଦେଇଛି। ସୂଚ଼ନା ଅନୁସାରେ ଦାଦନ ଚ଼ାଲାଣ ସୂଚ଼ନା ପାଇଁ ଖପ୍ରାଖୋଲ ଥାନା ପୋଲିସ ଘୁଚ଼ାପାଲି ଛକ ନିକଟରେ ଛକି ବସିଥିବା ବେଳେ ଏକ ବୋଲେରୋ ଗାଡ଼ି ରେ ବେଆଇନ୍ ଶ୍ରମିକ ଚ଼ାଲାଣ ହେଉଥିବା ବେଳେ ପୋଲିସ ଗାଡ଼ି ଅଟକାଇ ପଚ଼ରାଉଚୁରା ବେଳେ ଜମୁନାପାଲି ଓ ଘୁଚ଼ାପାଲି ଗାଁ ର ୪ଜଣ ମହିଳା, ୪ଜଣ ପୁରୁଷ ସମେତ ୭ଜଣ ଶିଶୁଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଥାନା କୁ ଆଣିଥିବା ବେଳେ ବୋଲେରୋ ଗାଡି ଓ ଏକ ମୋଟର ସାଇକେଲ ଜବତ କରିଥିଲେ। ସେହି ପରି ବେଆଇନ୍ ଦାଦନ ଚ଼ାଲାଣ ଅଭିଯୋଗ ରେ ଖପ୍ରାଖୋଲ ଥାନା କେସ ନମ୍ବର ୨୭୨/୨୩ରେ ଏକ ମାମଲା ରୁଜୁ କରି ଚ଼ାଚ଼ରାଭଟା ଗାଁ ର ମକୁନ୍ଦ ମାଝୀ (୩୮), ଲାଠୋର ଗାଁ ର ମୁକ୍ତିରାମ ଠାକୁର (୩୮) ଓ ହେମନ୍ତ ନାଗ (୪୦) କୁ ଗିରଫ କରି କୋର୍ଟ ଚ଼ାଲାଣ କରାଯାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି। ଉଦ୍ଧାର ଶ୍ରମିକ ମାନଙ୍କୁ ନିଜ ନିଜ ଗାଁ କୁ ପଠେଇ ଦେଇଥିବା ପ୍ରକାଶ କରିଛନ୍ତି । ସୁଚ଼ନା ଅନୁସାରେ ଖପ୍ରାଖୋଲ ଥାନା ପୋଲିସ ଚ଼ଳିତ ବର୍ଷ ବେଆଇନ୍ ଦାଦନ ଶ୍ରମିକ ଚ଼ାଲାଣ ବେଳେ ଚ଼ଢାଉ କରି ମୋଟ ୧୮ ମାମଲା ରୁଜୁ କରିଥିବା ବେଳେ ମୋଟ ୯୩ ଜଣ ଶ୍ରମିକ ଓ ୪୦ ଜଣ ଶିଶୁଙ୍କୁ ଉଦ୍ଧାର କରିଥିବା ବେଳେ ୨୭ ଜଣକୁ କୋର୍ଟ ଚ଼ାଲାଣ କରିଥିବା ଜଣାଯାଇଛି। ଏହା ପରେବି ଦାଦନ ଚ଼ାଲାଣ ଥମୁନ ଥିବାବେଳେ ଧଣ୍ଡାମୁଣ୍ଡା ପଞ୍ଚାୟତ ବେନକେରା ଗାଁରୁ ୨୦ରୁ ଉର୍ଦ୍ଧ୍ୱ ପରିବାର ଶ୍ରମିକ ମାନଙ୍କୁ ଚ଼ାଲାଣ ପାଇଁ ସର୍ଦ୍ଦାର ମାନେ ଯୋଜନା ଚ଼ଳାଇଥିବା ବେଳେ ବିଫଳ ହୋଇଥିବା ସୂଚ଼ନା ମିଳିଛି।

## 'ଧ୍ୱନିପ୍ରତିଧ୍ୱନି' ଓ ସାଗରିକାର ୩୪ ତମ ବାର୍ଷିକ ଉତ୍ସବ



ବାଲେଶ୍ୱର,(ପି.ଏନ): ସୁସ୍ଥ ହୃଦୟ ନ ଥିଲେ ଜଣେ ଭଲ ସାହିତ୍ୟ ସୃଷ୍ଟି କରି ପାରେ ନାହିଁ ଯେଉଁ ବ୍ୟକ୍ତିର ହୃଦୟ ନାହିଁ ସେ କେବେ ହେଲେ ସାହିତ୍ୟ ସୃଷ୍ଟି କରି ପାରେ ନାହିଁ ବୋଲି ସମ୍ବାଦପତ୍ର 'ଧ୍ୱନିପ୍ରତିଧ୍ୱନି' ଓ ସାଗରିକାର ୩୪ ତମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ସମ୍ପାଦିକା ସୈରିନ୍ଧ୍ରୀ ସାହୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ସଭାପତିତ୍ୱ କରିଥିଲେ। ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ଉତ୍ସବର ଉଦ୍ଘାଟନ କରିଥିବା ବେଳେ, ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ଦୂର୍ଗାକେଶବ ମଲ୍ଲିକ, ପ୍ରଫେସର ଆଦିକନ୍ଦ ସାହୁ, ପ୍ରତିଭାବାନ କବି ଡ଼. ଅଜୟ ସ୍ୱାଇଁ, ବିଶିଷ୍ଟ ସଂଳାପ ଲେଖକ ଓ ଗୀତିକାର ଡ. ରଜନୀ ରଞ୍ଜନ, ସମାଜସେବୀ ଶିଳ୍ପପତି ସଂଗ୍ରାମ ଦାସ, କବି କାଳୀପଦ ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଧ୍ୱନିପ୍ରତିଧ୍ୱନି ଓ ସାଗରିକା ନୂତନ କବି ଓ ସାହିତ୍ୟକଙ୍କର ଏନ୍ତୁଡ଼ିଶାଳ । ପ୍ରିଣ୍ଟ ମିଡ଼ିଆର ଆଦର ଯୁଗେ ଯୁଗେ ରହିଛି ଓ ରହିବ ମଧ। ଆମ ରାଜ୍ୟ ଭାଷା ଓ ସାହିତ୍ୟ କୁ ସାହିତ୍ୟକ ମାନେ ହୃଦୟର ସହ ଭଲ ପାଇଲେ ଆମ ସାହିତ୍ୟ ଏବଂ ଭାଷାର ଉନ୍ନତି ହୋଇପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପରିଚାଳନା ସମ୍ପାଦନ ସୃଷ୍ଟିଧର ପରିଡ଼ା ପ୍ରାକ୍ କଥନ ରଖିଥିବା ବେଳେ ଅତିଥିମାନଙ୍କ ଦ୍ୱାରା ଧ୍ୱନିପ୍ରତିଧ୍ୱନି ଓ ସାଗରିକାର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ପିତାମ୍ବର ଦାସଙ୍କ 'ସାଗରକଇଁ' ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶଙ୍କ କବିତା ପୁସ୍ତକ କଥା କହିହୁଏ। ଆଉ କିଛି ବାକି ରହେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ. ହୃଷିକେଶ ମଲ୍ଲିକଙ୍କୁ 'ଧ୍ୱନି ପ୍ରତିଧ୍ୱନି' ସମ୍ମାନ, ପ୍ରଫେସର ଆଦିକନ୍ଦ ସାହୁ ଙ୍କୁ ସାଗରିକା ସମ୍ମାନ, ଡା. ଅମିତାଭ ଗିରିଙ୍କୁ 'ବାଲେଶ୍ୱର ବରପୁତ୍ର ସମ୍ମାନ', ଡ. କୁଞ୍ଜବିହାରୀ ଧଳଙ୍କୁ କବିତା ସମ୍ମାନ, ଡ. ମଥୁରାନାଥ୍ ହୋତାଙ୍କୁ 'ପ୍ରବନ୍ଧ ସମ୍ମାନ', ନଗେନ୍ଦ୍ର ନାଥ ପଟ୍ଟନାୟକ ଙ୍କୁ ସାହିତ୍ୟ ସମ୍ମାନ, ପ୍ରତିମାପନ ଜେନାଙ୍କୁ ସାମ୍ବାଦିକା ସମ୍ମାନ, ଇଂ ହୃଷୀକେଶ ସାହୁଙ୍କୁ ସମାଜସେବୀ ସମ୍ମାନ, ଧାମରା ମତ୍ସ୍ୟ ପୋତାଶ୍ରୟଙ୍କୁ ଅନୁଷ୍ଠାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ କବୟିତ୍ରୀ ସତ୍ୟଭାମା ମୁଦୁଲି ଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା।

## ଗରାପୁର ସାଇବିହାରରେ ଶିରିଡି ସାଇ ମନ୍ଦିର ଉଦଘାଟିତ



କେନ୍ଦ୍ରାପଡ଼ା,(ପି.ଏନ): ଜୀବନରେ ଦୁଃଖ ନଥିଲେ ସୁଖର ସନ୍ଧାନ ମିଳେନି । ସୁଖ ଓ ଦୁଃଖକୁ ସମାନ ମନେକରି ନିଜକୁ ପ୍ରଭୁ ବା ସଦଗୁରୁଙ୍କ ନିକଟରେ ସମର୍ପଣ କରିପାରିଲେ ଜୀବନରେ ସାର୍ଥକତା ମିଳିବା ସହିତ ଦୁଖ ଓ ଯନ୍ତ୍ରଣା ଲାଘବ ହୋଇଥାଏ । ତେବେ ଭାବ ନଥିଲେ ସମର୍ପଣ ସମ୍ଭବ ହୋଇନଥାଏ ବୋଲି ଉପସ୍ଥିତ ହଜାର ହଜାର ସାଇ ଭକ୍ତଙ୍କୁ ଆଶୀର୍ବଚନ ପ୍ରଦାନ କରିଛନ୍ତି ବିଶିଷ୍ଟ ସାଇ ସାଧକ ବୁଦ୍ଧିଜୀବୀ ତଥା ଜଣାଶୁଣା ଆଧ୍ୟାତ୍ମିକ ମାର୍ଗ ଦର୍ଶକ ଗୁରୁଜୀ ଡଃ. ଚନ୍ଦ୍ରଭାନୁ ଶତପଥୀ । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ସାଇବିହାରରେ ନବ ନିର୍ମିତ ଶିରିଡି ସାଇ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଉଦଘାଟକ ଭାବେ ଯୋଗଦେଇ ଗୁରୁଜୀ ଶ୍ରୀସାଇନାଥଙ୍କ ଭବ୍ୟ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା କରିବା ସହ ଉପସ୍ଥିତ ଶିରିଡି ସାଇବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଆଧ୍ୟାତ୍ମିକ ପରାମର୍ଶ ପ୍ରଦାନ କରିଥିଲେ । ଶ୍ରୀ ଶିରିଡ଼ି ସାଇ ଜନକଲ୍ୟାଣ ଟ୍ରଷ୍ଟ, କେନ୍ଦ୍ରାପଡା ପକ୍ଷରୁ ନବ ନିର୍ମିତ ଶିରିଡି ସାଇ ମନ୍ଦିରର ଉଦଘାଟନ ଉତ୍ସବ ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକଙ୍କ ଅଧକ୍ଷତାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ଅଙ୍କୁରାରୋପଣ, ଗର୍ଭାଧାନ, ମଣ୍ଡଳକରଣ କରାଯିବା ପରେ ଶୁକ୍ରବାର ମହିଳାଭକ୍ତଙ୍କ ସହଯୋଗରେ ଗୁଲନଗର ସାଗରବାବା ମନ୍ଦିର ଗୋବରୀ ନଦୀ ଘାଟ ନିକଟରୁ କଳସ ଶୋଭାଯାତ୍ରା ମନ୍ଦିର ପରିସରକୁ ଆସିବା ପରେ କଳସାଧିବାସ, ଗୁରୁପୂଜନ, ଦୀପସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା, ସାଇ ହବନ, ଦତ୍ତାତ୍ରେୟ ହବନ, ମହାଗଣପତି ହବନ, ବାସ୍ତୁହୋମ ପ୍ରଭୃତି ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ମନ୍ଦିର ପ୍ରତିଷ୍ଠା, ଧ୍ୱଜଚକ୍ର ପ୍ରତିଷ୍ଠା ଓ ସ୍ଥାପନ କରାଯାଇଥିଲା । ସନ୍ଧ୍ୟାରେ ବାବାଙ୍କ ଅଧିବାସ ବିଧି, ଅନ୍ନାଧିବାସ, ଜଳାଧିବାସ, ଫଳାଧିବାସ ଅନୁଷ୍ଠିତ ହୋଇଥିଲା । ଶନିବାର ଚକ୍ଷୁଉନ୍ମିଳନ କରାଯିବା ପରେ ଗୁରୁଜୀ ଶ୍ରୀ ଶତପଥୀଙ୍କ କରକମଳରେ ପ୍ରାଣ ପ୍ରତିଷ୍ଠା, ମହାଭିଷେକ, ଆରତୀ ଓ ପୁଷ୍ପାଞ୍ଜଳି ପ୍ରଭୃତି କାର୍ଯ୍ୟକ୍ରମ ସହ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ବିଶିଷ୍ଟ କଥାକାର ଡଃ. ରାମଚନ୍ଦ୍ର ବେହେରା,ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା,ବିଧାୟକ ଶଶିଭୁଷଣ ବେହେରା,ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ,ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ଶିକ୍ଷାବିତ୍ ତପନ ପତି, ଡଃ. ବାସୁଦେବ ଦାସ, ପ୍ରଯୋଜିକା ବିନି ସାମଲ, ବଜେଡ଼ି ନେତା ରଞ୍ଜିତ କୁମାର ସାହୁ, ରାଜେଶ ପଣ୍ଡା, ଦୁର୍ଗାଶିଷ ମହାନ୍ତି, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ବିକାଶ କୁମାର ଦାସ, ପ୍ରଦୀପ୍ତ ପାଇକରାୟ, ମୃଣାଳକାନ୍ତ ନାୟକ, ସନ୍ତୋଷ ପରିଡ଼ା, ବିକ୍ରମାଦିତ୍ୟ ସାହୁ, ଚନ୍ଦ୍ରଭାନୁ ରାଉତ, ବାସୁଦେବ ସେନାପତି, ସୁନାକର ଜେନା, ଡ଼.ସୁନାକର ସାମଲ, ତନ୍ମୟ ପଲାଇ, ନରୋତ୍ତମ ଜେନା, ବିଜୟ କୁମାର ଦାସ, ବନଜ କୁମାର ଦାସ, ମନୋରଞ୍ଜନ ପଟ୍ଟନାୟକ,ବିଶ୍ୱ କଲ୍ୟାଣ ଜେନା, ମହେନ୍ଦ୍ର ଆଚାର୍ଯ୍ୟ, ବିଭୁତି ଭୁଷଣ ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray